بِسۡمِ اللّٰہِ الرَّحۡمٰنِ الرَّحِیۡمِ    نَحۡمَدُہٗ وَنُصَلِّیۡ عَلٰی رَسُوۡلِہِ الۡکَرِیۡمِ    وَعَلٰی عَبۡدِہِ الۡمَسِیۡحِ الۡمَوۡعُوۡد

وَلَقَدۡ نَصَرَکُمُ اللّٰہُ بِبَدۡرٍ وَّاَنۡتُمۡ اَذِلَّۃٌ

ଖଣ୍ଡ 4

ବାର୍ଷିକ ଦେୟ: ୬୦୦/-

ସାପ୍ତାହିକ ବଦର କାଦିଆନ

Weekly BADAR Qadian Odia

ସଂଖ୍ୟା 10-11

ସମ୍ପାଦକ : କମରୁଲ ହକ୍ ଖାନ୍

ସହ-ସମ୍ପାଦକ : ମକସୁଦ୍ ଅଲୀ ଖାନ୍

www.akhbarbadarqadian.in

09-16 ମାର୍ଚ୍ଚ 2023    09-16 ଅମାନ 1402 ହି.ଶ    16-23 ଶାବାନ 1444 ହି.କ


## ଅଲ୍ଲାଃ ତାଲାଙ୍କ ବାଣୀ

وَّاٰخَرِیۡنَ مِنۡہُمۡ لَمَّا یَلۡحَقُوۡا بِہِمۡ ؕ وَہُوَ الۡعَزِیۡزُ الۡحَکِیۡمُ ○ ذٰلِکَ فَضۡلُ اللّٰہِ یُؤۡتِیۡہِ مَنۡ یَّشَآءُ ؕ وَاللّٰہُ ذُو الۡفَضۡلِ الۡعَظِیۡمِ ○ (سورۃ جمعہ:4تا5)

ଅନୁବାଦ-ଏବଂ ସେମାନଙ୍କ ବ୍ୟତୀତ ଅନ୍ୟ ଏକ ସମ୍ପ୍ରଦାୟରେ ମଧ୍ୟ ସେ ତାହାଙ୍କୁ ପ୍ରେରଣ କରିବେ ଯେଉଁମାନେ ଅଦ୍ୟାବଧି ସେମାନଙ୍କ ସହିତ ଯୋଗଦାନ କରିନାହାନ୍ତି; ଏବଂ ସେ ହିଁ ପରାକ୍ରମୀ (ଓ) ତତ୍ତ୍ୱଜ୍ଞ । ଏହା ହିଁ ଅଲ୍ଲାଃଙ୍କର କୃପା,ସେ ଯାହାକୁ ଇଚ୍ଛା କରନ୍ତି ତାହାକୁ ଦେଇଥା'ନ୍ତି ; ଅଲ୍ଲାଃ ହିଁ ଅତ୍ୟନ୍ତ କୃପାଶୀଳ । (ଅଲ -ଜୁମା : ୪-୫)

## ଅହମଦୀୟା ଖବର

ଅଲ୍ଲାଃତାଲାଙ୍କ ଅସୀମ ଦୟା ବଳରୁ ସୟଦନା ହଜରତ ଅମିରୁଲ୍ ମୁମେନିନ୍ ଖଲିଫତୁଲ୍ ମସିହ ପଂଚମ[ଅ.ବ] କୁଶଳ ଓ ମଙ୍ଗଳରେ ଅଛନ୍ତି । (ଅଲ୍‌ହମ୍‌ଦୋଲିଲ୍ଲାଃ)

ହୁଜୁର ଅନ୍‌ଓ୍ୱର[ଅ.ବ]ଙ୍କ ସୁସ୍ଥ,ସବଳ,ଦୀର୍ଘାୟୁ,ମହାନ ଉଦ୍ଦେଶ୍ୟରେ କୃତକାର୍ଯ୍ୟ ଏବଂ ବିଶେଷ ସୁରକ୍ଷାରେ ରହିବା ନିମନ୍ତେ ସମସ୍ତେ ଦୁଆ କରିଚାଲନ୍ତୁ । ଅଲ୍ଲାଃତାଲା ହୁଜୁର[ଅ.ବ]ଙ୍କୁ ପ୍ରତ୍ୟେକ ମୁହୂର୍ତରେ ସୁରକ୍ଷା,ସାହାଯ୍ୟ ଓ ସମର୍ଥନ ପ୍ରଦାନ କରନ୍ତୁ ।

॥ ଆମିନ୍ ॥ ॥

**ଅଲ୍ଲାହୁମ୍ମା ଐୟଦ୍ ଇମାମନା ବେରୁହିଲ୍ କୁଦୁସ୍ ଓ୍ୱ ବାରିକ୍‌ଲନା ଫି'ଉମ୍‌ରିହି ଓ୍ୱ ଅମ୍‌ରିହି ॥**

## ହଜରତ ମସିହ ମଉଦ[ଆ.ସ]ଙ୍କ ନୀତି ବାଣୀ

## ମସିହ ମଉଦ ସଂ- ୦୧

# ଅହମଦିୟା ସଂପ୍ରଦାୟରେ ଦୀକ୍ଷିତ ହେବାର ସର୍ତାବଳୀ

୧. ପ୍ରଥମ: ଏହା ଯେ ଦୀକ୍ଷାକାରୀ ନିର୍ମଳ ହୃଦୟରେ ଦୃଢ଼ ସଂକଳ୍ପ କରୁ ଯେ ଭବିଷ୍ୟତରେ ମୃତ୍ୟୁ ବରଣ କରିବା ପର୍ଯ୍ୟନ୍ତ ସେ ଶିର୍କ (ଅନେକେଶ୍ୱରବାଦ)ରୁ ଦୂରେଇ ରହିବ ।

୨. ଦ୍ୱିତୀୟ: ଏହା ଯେ ମିଥ୍ୟା ତଥା ବ୍ୟଭିଚାରକୁ ବର୍ଜନ କର ଏବଂ ପ୍ରତ୍ୟେକ ପ୍ରକାର ଅସତକର୍ମ, ଅତ୍ୟାଚାର, ଅସାଧୁତା, କଳହ ଓ ବିଦ୍ରୋହାତ୍ମକ କାର୍ଯ୍ୟ ଗୁଡ଼ିକରୁ ନିବୃତ ରହିବ ଏବଂ ତାମସିକ ଆବେଗ ସମୟରେ ତାହା ଯେତେ ତୀବ୍ର ହେଉନା କାହିଁକି ଏହାର ବଶୀଭୁତ ହେବନାହିଁ ।

୩. ତୃତୀୟ: ଏହା ଯେ ଅଲ୍ଲାଃ ଓ ରସୁଲଙ୍କ ଆଦେଶନୁଯାୟୀ କୌଣସି ଅବହେଳା ନକରି ପାଂଚବେଳା ନମାଜ ସୂଚାରୁ ରୂପରେ ପାଠ କରିବ ଏବଂ ଯଥାକ୍ଷମ ତହଜୁଦ୍ ନମାଜ ପଢ଼ିବା ସହିତ ଶ୍ରେଷ୍ଠ ନବୀ ମୁହମ୍ମଦ୍ ସ ଅ ସଙ୍କ ପ୍ରତି ଦରୁଦ୍ ପ୍ରେରଣ କରିବ । ପ୍ରତ୍ୟେକ ଦିନ ନିଜ ପାପ କର୍ମ ଜନିତ ଦୋଷ, ଦୁର୍ବଳତା ମାର୍ଜନା ନିମନ୍ତେ ନିରନ୍ତର କ୍ଷମାପ୍ରାର୍ଥନା କରିବ ତଥା ଆନ୍ତରିକ ପ୍ରେମ ସହିତ ଅଲ୍ଲାଃଙ୍କର ଅନୁଗ୍ରହମାନଙ୍କୁ ସ୍ମରଣ କରି ତାହାଙ୍କ ପ୍ରଶଂସା ଓ ଗୁଣଗାନ କରିବାକୁ ନିଜର ନିତି ଦିନିଆ କର୍ତବ୍ୟ ରୂପେ ବିବେଚନା କରିବ ।

୪. ଚତୁର୍ଥ: ଏହା ଯେ ସାଧାରଣତଃ ସମସ୍ତ ମାନବ ସମାଜ ଏବଂ ବିଶେଷତଃ ମୁସଲମାନମାନଙ୍କୁ ନିଜର ତାମସିକ ଆବେଗ ସମୟରେ କୌଣସି ପ୍ରକାରର ଅନୁଚିତ କଷ୍ଟ ପହଂଚାଇବ ନାହିଁ । ନା କଥାରେ, ନା ହାତରେ, ନା ଅନ୍ୟ କୌଣସି ପ୍ରକାରେ ।

୫. ପଂଚମ: ଏହା ଯେ ପ୍ରତ୍ୟେକ ପରିସ୍ଥିତି ଯେପରି ସୁଖ ଦୁଃଖ, ସୁବିଧା ଅସୁବିଧା, ସଂପଦ ଓ ବିପଦରେ ଅଲ୍ଲାତାଲାଙ୍କ ସହିତ ନିଷ୍ଠାଭାବ ରଖିବ ଓ ଭକ୍ତି କରିବ । ପ୍ରତ୍ୟେକ ସ୍ଥିତିରେ ଅଲ୍ଲାଃର ନିଷ୍ପତି ଉପରେ ସନ୍ତୁଷ୍ଟ ରହିବ । ତାହାଙ୍କ ମାର୍ଗରେ ପ୍ରତ୍ୟେକ ପ୍ରକାର ଦୁଃଖ ଓ ଅପମାନକୁ ମୁଣ୍ଡପାତି ସ୍ୱୀକାର କରିବାକୁ ତତ୍ପର ରହିବ । କୌଣସି ବିପତି ଆସିଲେ ପଛକୁ ହଟି ନଯାଇ ଆଗକୁ ପାଦ ବଢ଼ାଇବ ।

୬. ଷଷ୍ଠ: ଏହା ଯେ କୁସଂସ୍କାର ଗ୍ରସ୍ତ ହୋଇ ବସ୍ତୁଲାଳସା ତଥା ଅଯଥା ଆଶା ଓ ଆକାଂକ୍ଷା ରଖି କୁପଥରେ ଚାଲିବାରୁ ନିଜକୁ ନିବୃତ ରଖିବ, ପବିତ୍ର କୁରଆନ୍‌ର ଆଦେଶଗୁଡ଼ିକୁ ସଂପୂର୍ଣ୍ଣ ମନପ୍ରାଣରେ ଗ୍ରହଣ କରିବ ଏବଂ ଅଲ୍ଲାଃ ଓ ରସୁଲଙ୍କ ଆଦେଶକୁ ନିଜର ପ୍ରତ୍ୟେକ ଅବସ୍ଥାରେ କାର୍ଯ୍ୟସୂଚୀ ରୂପେ ବିବେଚନା କରିବ ।

୭. ସପ୍ତମ: ଏହା ଯେ ଅହଙ୍କାର ଓ ଅଭିମାନକୁ ସମ୍ପୂର୍ଣ୍ଣ ତ୍ୟାଗ କରିବ ଏବଂ ଶାଳୀନତା ରକ୍ଷା କରି ସଦାଚାରୀତା, ଦୀନହୀନତା ଓ ନିରୀହତା ତଥା ନମ୍ରତା ପୂର୍ବକ ଜୀବନ ଅତିବାହିତ କରିବ ।

୮. ଅଷ୍ଟମ: ଏହା ଯେ ଧର୍ମ ଓ ଧର୍ମର ପ୍ରତିଷ୍ଠା ଏବଂ ଇସଲାମ ପ୍ରତି ସହାନୁଭୂତିକୁ ନିଜ ପ୍ରାଣ, ନିଜ ଧନ, ନିଜ ମାନ ମର୍ଯ୍ୟାଦା, ନିଜ ସନ୍ତାନ ତଥା ନିଜର ପ୍ରତ୍ୟେକ ଆତ୍ମୀୟ ସ୍ୱଜନଙ୍କ ଠାରୁ ଅଧିକ ମନେ କରିବ ।

୯.ନବମ: ଏହା ଯେ ପ୍ରଭୁଙ୍କର ସମସ୍ତ ସୃଷ୍ଟି ପ୍ରତି କେବଳ ଅଲ୍ଲାଃଙ୍କ ପାଇଁ ସହାନୁଭୂତି ପ୍ରଦର୍ଶନ କରିବାରେ ଲାଗିରହିବ ଏବଂ ଯଥା ସମ୍ଭବ ନିଜର ଈଶ୍ୱର ପ୍ରଦତ ଶକ୍ତି ଓ ବରଦାନ ଦ୍ୱାରା ମାନବ ସମାଜକୁ ଲାଭ ପ୍ରଦାନ କରିବ ।

୧୦. ଦଶମ: ଏହା ଯେ ଏହି ବିନୀତ ସହ କେବଳ ମାତ୍ର ପ୍ରଭୁଙ୍କ ପାଇଁ ଭ୍ରାତୃଭାବ ଜନିତ ପୂର୍ଣ୍ଣାଦେଶ ପାଳନ କରି ମୃତ୍ୟୁ ପର୍ଯ୍ୟନ୍ତ ତା' ଉପରେ ପ୍ରତିଷ୍ଠିତ ରହିବ ଏବଂଉକ୍ତ ଭ୍ରାତୃଭାବ ଏପରି ଉଚ୍ଚକୋଟିର ହୋଇଥିବ, ଯାହାର ଉଦାହରଣ ସାଂସାରିକ ସମ୍ବନ୍ଧ ଓ ସମସ୍ତ ସେବାମୂଳକ ଅବସ୍ଥାରେ ଦୃଷ୍ଟିଗୋଚର ହେଉ ନଥିବ ।

(ଇସ୍ତିହାର ତକ୍‌ମିଲେ ତବଲିଗ୍, ୧୨ ଜାନୁଆରୀ ୧୮୮୯)

# ହଜରତ ମୁହମ୍ମଦ ମୁସ୍ତଫା ସ ଆ ସଙ୍କ ପ୍ରତି ହଜରତ ମସିହ ମଉଦ ଆଲୈସଲାତୁ ସଲାମଙ୍କ ପ୍ରେମଭାବ

(ବଶୀରୁଦ୍ଦୀନ କାଦରୀ, ମୁରବୀ ସିଲସିଲା,ସାପ୍ତାହିକ ବଦର କାର୍ଯ୍ୟାଳୟ କାଦିଆନ)

କୌଣସି ବ୍ୟକ୍ତିଙ୍କ ଜୀବନୀ ବର୍ଣ୍ଣନା କରିବା ବହୁତ କଷ୍ଟକର କାର୍ଯ୍ୟ । କାରଣ ସେହି ଜୀବନୀ ମାଧ୍ୟମରେ ଆପଣ ତାଙ୍କ ବ୍ୟକ୍ତିତ୍ୱର ସମ୍ପୂର୍ଣ୍ଣ ଚିତ୍ରଣ କରିଥାନ୍ତି । ଏହି ବର୍ଣ୍ଣନା ସେତେବେଳେ ଆହୁରି କଠିନ ହୋଇଯାଏ,ଯେବେ ଏହା ଜଣେ ଉଚ୍ଚ କୋଟିର ତଥା ଜଣେ ପବିତ୍ର ଲୋକର ଜୀବନୀ ଉପରେ ଆଧାରିତ ହୋଇଥାଏ,ଯିଏ ସମଗ୍ର ବିଶ୍ୱ ପାଇଁ କରୁଣା ହୋଇ ଆସିଥିଲେ । ଯିଏ ହେଉଛନ୍ତି ମାନବଜାତିର ଗର୍ବ । ଯାହାଙ୍କ ପାଇଁ ଦୟାମୟ ଈଶ୍ୱର ଏହି ବ୍ରହ୍ମାଣ୍ଡକୁ ସୃଷ୍ଟି କରିଛନ୍ତି । ଅର୍ଥାତ ସେ ହେଉଛନ୍ତି ଆମର ଗୁରୁ ଓ ସଖା ହଜରତ୍ ମୁହମ୍ମଦ୍ ମୁସ୍ତଫା ସ ଅ ସ । ହଜରତ୍ ମସିହ ମଉଦ ଅ ସ ଯେପରି ସୁନ୍ଦର ଭାବରେ ଏବଂ ସ୍ୱଷ୍ଟ ଭାବରେ ନିଜର ଲେଖା ମାଧ୍ୟମରେ ଆଁ ହଜରତ୍ ସ ଅ ସଙ୍କ ଜୀବନୀକୁ ବର୍ଣ୍ଣନା କରିଛନ୍ତି ତାହାର ଉଦାହରଣ ଆମକୁ ଅନ୍ୟତ୍ର ଦେଖିବାକୁ ମିଳେନାହିଁ । କାରଣ ଜଣେ ସଚ୍ଚା ପ୍ରେମୀ ହିଁ ନିଜ ପ୍ରେମିକର ଗୁଣକୁ ଏତେ ସୁନ୍ଦର ଭାବରେ ବର୍ଣ୍ଣନା କରିଥାଏ ଯେ ତାହାର ଗୋଟିଏ ଗୋଟିଏ ଶବ୍ଦରେ ପ୍ରେମିକ ପ୍ରତି ଥିବା ପ୍ରେମଭାବ ସ୍ୱଷ୍ଟ ହୋଇଥାଏ । ଏବଂ ହଜରତ୍ ମସିହ ମଉଦ ଆ ସ ଙ୍କଠାରୁ ବଳି ହଜରତ୍ ମୁହମ୍ମଦ ମୁସ୍ତଫା ସ ଅ ସଙ୍କର ଆଉ କେହି ସଚ୍ଚା ପ୍ରେମୀ ନାହାନ୍ତି ।

ହଜରତ୍ ମସିହ ମଉଦ ଆ ସ ନିଜର ଏକ ଫାର୍ସୀ କବିତାରେ ଏପରି ତାହା ବ୍ୟକ୍ତ କରିଛନ୍ତି ଯେ :

ବାଦ୍ ଅଜ୍ ଖୁଦା ବଇଶ୍‌କେ ମୁହମ୍ମଦ୍ ମୁଖମ୍ମରମ୍
ଗର୍ କୁଫର୍ ଇଁ ବଓ୍ୱଦ୍ ବଖୁଦା ସଖ୍ତ୍ କାଫିରମ୍

***(ଅଜାଲାଏ ଅଓହାମ୍,ରୁହାନୀ ଖଜାଇନ୍ ,ଖ-୦୩,ପୃ-୧୮୫)***

ପୁଣି ହଜରତ୍ ମସିହ ମଉଦ ଆ ସଙ୍କର ପ୍ରେମ ଏବଂ ନିଷ୍ଠାର ଅନୁମାନ ନିମ୍ନ ଲିଖିତ ଆଲେଖ୍ୟରୁ କରିପାରିବେ । ହଜରତ୍ ମସିହ ମଉଦ ଆ ସ କହୁଛନ୍ତି ଯେ :

"ଯେଉଁ ଲୋକମାନେ ଅନ୍ୟାୟ କରି ଅଲ୍ଲାଃଙ୍କୁ ଭୟ ନକରି ଆମ ମହାନ ନବୀ ହଜାରତ୍ ମୁହମ୍ମଦ ମୁସ୍ତଫା ସ ଅ ସଙ୍କ ପ୍ରତି ଖରାପ ଭାଷା ପ୍ରୟୋଗ କରୁଛନ୍ତି ଏବଂ ମହାଭାଗ ସ ଅ ସଙ୍କ ଉପରେ ଅପବିତ୍ର ଆରୋପ ଲଗାଉଛନ୍ତି ଏବଂ କୁଭାଷା କହିବାରୁ ନିବୃତ ରହୁ ନାହାନ୍ତି,ସେମାନଙ୍କ ସହିତ ଆମେ କାହିଁକି ସୁଲାହ କରିବୁ । ମୁଁ ସତ୍ୟ କହୁଅଛି ଯେ ଆମେ ଏ ସମଗ୍ର ଭୂଖଣ୍ଡର ସାପ ଏବଂ ମରୁଭୂମିର ଗଧିଆମାନଙ୍କ ସହିତ ସୁଲାହ କରିପାରିବୁ କିନ୍ତୁ ଆମେ ସେହି ଲୋକମାନଙ୍କ ସହିତ ସୁଲାହ କରିପାରିବୁ ନାହିଁ ଯେଉଁମାନେ ଆମ ପ୍ରିୟ ନବୀ ସ ଅ ସଙ୍କ ଉପରେ ଅପବିତ୍ର ଆରୋପ ଲଗାଉଛନ୍ତି । ଯେଉଁ ନବୀ ହେଉଛନ୍ତି ଆମ ଜୀବନ ତଥା ଆମ ମାଆ ବାପାଙ୍କଠାରୁ ବି ଆମକୁ ପ୍ରିୟ । ହେ ଅଲ୍ଲାଃ ଆମକୁ ଇସଲାମ ଉପରେ ପ୍ରତିଷ୍ଠିତ ରହିବା ସମୟରେ ହିଁ ମୃତ୍ୟୁ ଦିଅ । ଆମେ ଏପରି କାର୍ଯ୍ୟ କରିବାକୁ ଚାହୁଁନାହୁଁ ଯାହା ଦ୍ୱାରା ଆମର ଇମାନ୍ (ବିଶ୍ୱାସ) ନଷ୍ଟ ହେଉଥିବ ।''

***(ଚଶମାଏ ମାରିଫତ୍ ,ରୁହାନୀ ଖଜାଇନ, ଖ-୨୩, ପୃ-୪୫୯)***

ନିଶ୍ଚିତ ରୂପେ ପ୍ରତ୍ୟେକ ମୁସଲମାନ ହଜରତ୍ ମୁହମ୍ମଦ୍ ମୁସ୍ତଫା ସ ଅ ସଙ୍କୁ ପ୍ରେମ କରିଥାଏ ଏବଂ ହଜରତ୍ ମୁହମ୍ମଦ୍ ମୁସ୍ତଫା ସ ଅ ସଙ୍କ ପବିତ୍ର ଜୀବନୀକୁ ବର୍ଣ୍ଣନା କରି ନିଜ ପ୍ରେମଭାବକୁ ପ୍ରକାଶ କରିବାକୁ ନିଜର ସୌଭାଗ୍ୟ ତଥା ପୁଣ୍ୟକାର୍ଯ୍ୟ ବୋଲି ବିବେଚନା କରିଥାଏ । ଏ ଯୁଗରେ ହଜରତ୍ ମୁହମ୍ମଦ୍ ମୁସ୍ତଫା ସ ଅ ସଙ୍କ ସଚ୍ଚା ପ୍ରେମୀ ହଜରତ ମସିହ ମଉଦ ଆ ସ ସବୁଠାରୁ ଅଧିକା ତାହାଙ୍କ ସହିତ ପ୍ରେମ କରିଛନ୍ତି ଯାହାର ଦୃଷ୍ଟାନ୍ତ ମିଳେନାହିଁ । ହଜରତ ମସିହ ମଉଦ ଆ ସ ସର୍ବଦା ଏହା ହିଁ ବ୍ୟକ୍ତ କରିଛନ୍ତି ଯେ ମୋତେ ଆଜି ଯାହା କିଛି ବି ମିଳିଛି,ତାହା ସବୁ ନବି କରିମ ସ ଆ ସଙ୍କ ସହିତ ଥିବା ପ୍ରକୃତ ପ୍ରେମ ଏବଂ ତାହାଙ୍କର ପୂର୍ଣ୍ଣ ଆଜ୍ଞାବହତା ସ୍ୱୀକାର କରିବା ଯୋଗୁଁ ହିଁ ମିଳିଛି । ହଜରତ ମସିହ ମଉଦ ଆ ସ ନବି କରିମ ସ ଆ ସଙ୍କର ଏପରି ସଚ୍ଚା ପ୍ରେମୀ ଥିଲେ ଯେ ଅଲ୍ଲାଃତାଲାଙ୍କ ତରଫରୁ ହଜରତ ମସିହ ମଉଦ ଆ ସ ନବି କରିମ ସ ଆ ସଙ୍କୁ ଗୋଟିଏ ସ୍ୱପ୍ନ ମାଧ୍ୟମରେ ଏହା କୁହାଯାଇ "ହାଜା ରଜୁଲୁନ୍ ୟୁହିବବୁ ରସୁଲୁଲ୍ଲାଃ ''ର ସାର୍ଟିଫିକେଟ ମିଳିଗଲା ।

**(ବରାହିନେ ଅହେମଦୀୟା,ରୁହାନୀ ଖଜାଇନ୍ ,ଖ-୦୧,ପୃ-୫୯୮,ହାଶିୟାଃ ଦର ହାଶିୟାଃ ନଂ-୦୩)**

ହଜରତ ମସିହ ମଉଦ ଆ ସ କୁହନ୍ତି :

କ'ଣ କଥା ଯେ ଆଁହଜରତ ସ ଅ ସଙ୍କ ପ୍ରତି ସଚ୍ଚା ଏବଂ ପୂର୍ଣ୍ଣ ଆଜ୍ଞାବହତା ବକି ସମସ୍ତ କଥା ପୂର୍ବରୁ ଆମ ହୃଦୟରେ ସୃଷ୍ଟି ହେଉଅଛି । ତେଣୁ ମନେରଖ ଯେ ତାହା ହେଉଛି କଲବେ ସଲିମ୍ ଅର୍ଥାତ ମନ ଭିତରୁ ଦୁନିଆର ପ୍ରେମ ବାହାରି ଯାଇଥାଏ ଏବଂ ମନ ଏକ ଅନନ୍ତ ତଥା ଅସରନ୍ତି ଅନନ୍ଦକୁ ଚାହିଁଥାଏ । ପୁଣି ପରେ ଏକ ସ୍ୱଷ୍ଟ ନିର୍ମଳ ଏବଂ ପୂର୍ଣ୍ଣ ଈଶ୍ୱର ପ୍ରେମ ସେହି ହୃଦୟକୁ ପ୍ରାପ୍ତ ହୋଇଥାଏ । ଏହି ସବୁ ପୁରସ୍କାର (ଐଶୀ ଆଶୀର୍ବାଦ) ଆଁହଜରତ ସ ଅ ସଙ୍କ ଆଜ୍ଞାବହତା ସ୍ୱୀକାର କରିବା ଦ୍ୱାରା ଉତରାଧିକାରୀ ସ୍ୱରୂପ ମିଳିଥାଏ । ଯେମିତି କି ଅଲ୍ଲାଃତାଲା ସ୍ୱୟଂ କହିଛନ୍ତି ଯେ: ***କୁଲ୍ ଇନକୁନ୍‌ତୁମ୍ ତୁହିବ୍‌ବୁନଲ୍ଲାଃ ଫତ୍‌ତବିଉନୀ ୟୁହବିବ୍‌କୁମୁଲ୍ଲାଃ (ଆଲେ ଇମରାନ୍ : ୩୨)***

ଅର୍ଥାତ ସେମାନଙ୍କୁ କହିଦିଅ ଯେ ଯଦି ତୁମେ ଅଲ୍ଲାଃଙ୍କୁ ପ୍ରେମ କରୁଅଛ ତେବେ ମୋ ଆସ ଏବଂ ମୋତେ ଅନୁସରଣ କର ଏତତଦ୍ୱାରା ଅଲ୍ଲାଃତାଲା ମଧ୍ୟ ତୁମକୁ ଭଲପାଇବେ । ଏକତରଫା ପ୍ରେମର ଦାବି କରିବା ସମ୍ପୂର୍ଣ୍ଣ ଏକ ମିଥ୍ୟା ଏବଂ ଅନାପ ସନାପ କଥା । ଯଦି ମଣିଷ ପ୍ରକୃତରେ ଖୁଦାତାଲାଙ୍କୁ ଭଲ ପାଉଛି ତାହେଲେ ଖୁଦାତାଲା ମଧ୍ୟ ତାକୁ ଭଲ ପାଇଥାଏ । ପୁଣି ଏ ଭୂମି ଉପରେ ଏପରି ଲୋକ ପାଇଁ ଏକ ଗ୍ରହଣୀୟତା ବ୍ୟାପି ଦିଆଯାଇଥାଏ ଏବଂ ହଜାର ହଜାର ଲୋକମାନଙ୍କ ହୃଦୟରେ ତା ପ୍ରତି ଏକ ସଚ୍ଚା ପ୍ରେମ ରଖିଦିଆଯାଏ । ତାକୁ ଏକ ପ୍ରକାରର ଅକର୍ଷଣର ଶକ୍ତି ଦିଆଯାଏ । ପୁଣି ତାକୁ ଏକ ଆଲୋକ (ନୂର) ପ୍ରଦାନ କରାଯାଏ ଯାହା ସର୍ବଦା ତା ସାଥିରେ ରହିଥାଏ । ***(ହକିକତୁଲ ୱହି ,ରୁହାନୀ ଖଜାଇନ୍ ,ଖ-୨୨,ପୃ-୬୪)***

ହଜରତ ମସିହ ମଉଦ ଆ ସ ନବି କରିମ ସ ଅ ସ ଙ୍କ ମହାନ ଚରିତ୍ରର ସଜ୍ଞା ନିରୂପଣ କରି ହଜରତ ମସିହ ମଉଦ ଆ ସ କହିଛନ୍ତି :

"ହଁ ପବିତ୍ର କୁରଆନରେ ହଜରତ୍ ଖାତମୁଲ ଅମ୍ବିୟା ସ ଆ ସଙ୍କର ଯେଉଁ ଚରିତ୍ର (ନୈତିକ ଗୁଣ ସମ୍ଭାର) ବିଷୟରେ ବର୍ଣ୍ଣନା କରାଯାଇଛି ତାହା ହଜରତ୍ ମୁସାଙ୍କଠାରୁ ହଜାର ହଜାର ଗୁଣା ଅଧିକା । କାରଣ ଅଲ୍ଲାଃତାଲା କହିଛନ୍ତି ଯେ ହଜରତ୍ ଖାତମୁଲ ଅମ୍ବିୟା ସ ଆ ସ ହେଉଛନ୍ତି ଏପରି ସମସ୍ତ ସୁଗୁଣର ସମାହାର ଯାହା ନବିମାନଙ୍କ ମଧ୍ୟରେ ଅଲଗା ଅଲଗା ଦେଖିବାକୁ ମିଳିଥାଏ । ପୁଣି ଆଁହଜରତ୍ ସ ଅ ସଙ୍କ ସପକ୍ଷରେ କହିଲେ ଯେ :ଇନ୍ନକା ଲାଅଲ୍ଲା ଖୁଲୁକିନ ଅଜିମ୍ ଅର୍ଥାତ ତୁମ୍ଭେ ଏକ ମହାନ ଚରିତ୍ର ଉପରେ ପ୍ରତିଷ୍ଠିତ ଅଛ । ଏବଂ ଅଜୀମ ଶବ୍ଦ ସହିତ ଯେଉଁ ଜିନିଷକୁ ପ୍ରଶଂସା କରାଯାଏ,ତାହା ଆରବର ଭାଷା ସାହିତ୍ୟ ଅନୁସାରେ ସେହି ଜିନିଷର ଚରମ ସିଦ୍ଧତାକୁ ବୁଝାଇଥାଏ । ଉଦାହରଣ ସ୍ୱରୂପ ଯଦି ଏହା କୁହାଯାଏ ଯେ ଏହି ବୃକ୍ଷଟି ହେଉଛି ମହାନ ତାହେଲେ ଏହାର ଅର୍ଥ ଏହା ହେବ ଯେ ଯେଉଁଠି ବୃକ୍ଷର ଲମ୍ବା ଚଉଡା ମୋଟା ଇତ୍ୟାଦି ଯାହା କିଛି ବି ସମ୍ଭବ ହୋଇପାରେ ତାହା ସବୁ ଏହି ବୃକ୍ଷ ମଧ୍ୟରେ ରହିଛି । ଠିକ ସେହିପରି ଏହି ଆୟତର ଅର୍ଥ ହେବ ଯେ ମଣିଷ ମଧ୍ୟରେ ଯେତେ ପ୍ରକାରର ଉତମ ଚରିତ୍ରମାନ ରହିବା ସମ୍ଭବପର ତାହା ସବୁ ସେହି ପୂର୍ଣ୍ଣ ଜୀବ ମୁହମ୍ମଦଙ୍କ ମଧ୍ୟରେ ମହଜୁଦ ରହିଛି । ତେଣୁ ଏହି ସଜ୍ଞା ଏପରି ଉଚ୍ଚ ସ୍ତରର ସଜ୍ଞା ଅଟେ ଯେ ଆଠାରୁ ବଳି ଆଉ କିଛି ସମ୍ଭବ ହୋଇପାରିବ ନାହିଁ ।

**(ବରାହିନେ ଅହେମଦୀୟା,ରୁହାନୀ ଖଜାଇନ୍ ,ଖ-୦୧,ପୃ-୬୦୬,ହାଶିୟାଃର ବଲକାଂଶ ନଂ-୦୩)**

**ଜାନୋ ଦିଲମ ଫିଦାଏ ଜମାଲେ ମୁହମ୍ମଦ**
**ସ ଅ ସ ଅସ୍ତ**
**ଖାକମ୍ ନିସାରେ କୁଚାଏ ଆଲେ ମୁହମ୍ମଦ**
**ସ ଅ ସ ଅସ୍ତ**

**(ଅଖବାର ରିୟାଜ ହିନ୍ଦ୍ ଅମୃତସର ମାର୍ଚ୍ଚ ପହିଲା ୧୮୮୪)**

ଅର୍ଥାତ ମୋ ଜୀବନ ଏବଂ ମନ ମୁହମ୍ମଦ ସ ଅ ସଙ୍କ ଉପରେ ଉତ୍ସର୍ଗ ଏବଂ ମୋ ଧୂଳିକଣାକୁ (ଅର୍ଥାତ ମୋର ଏ ଶରୀରକୁ) ନବି କରିମ ସ ଅ ସଙ୍କ ପରିବାର ବର୍ଗ ରହୁଥିବା ଗଳିକନ୍ଦିରେ କୁର୍ବାନ କରିଦିଆଯାଉ । ଯେବେ ଆମେ ସୟଦନା ହଜରତ୍ ମସିହ ମଉଦ ଆ ସ ଙ୍କ ପବିତ୍ର ଜୀବନ ଉପରେ ଦୃଷ୍ଟି ନିକ୍ଷେପ କରୁଛେ,ଆମ ସାମ୍ନାକୁ ଏହା ଆସିଥାଏ ଯେ ସୟଦନା ହଜରତ୍ ମସିହ ମଉଦ ଆ ସ ନିଜର ସାରା ଜୀବନ ରସୁଲେ କରିମ ସ ଆ ସଙ୍କ ଆଜ୍ଞାବହତା ସ୍ୱୀକାର କରି ବିତାଇଛନ୍ତି ।

ହଜରତ୍ ମିର୍ଜା ସୁଲତାନ ଅହେମଦ ସାହେବ ର ଅ ଯିଏ ସୟଦନା ହଜରତ୍ ମସିହ ମଉଦ ଆ ସଙ୍କ ପ୍ରଥମ ପତ୍ନୀଙ୍କ ଔରସରୁ ସବୁଠାରୁ ବଡ ପୁଅ ଥିଲେ । ସେ ସୟଦନା ହଜରତ୍ ମସିହ ମଉଦ ଆ ସଙ୍କ ଜୀବଦଶାରେ ଜମାତ ଅହେମଦୀୟାରେ ଦାଖିଲ ହୋଇ ନଥିଲେ, ବରଂ ସେ ହଜରତ୍ ଖଲିଫତୁଲ୍ ମସିହ ସାନି (ଦ୍ୱିତୀୟ) ର ଅଙ୍କ ସମୟରେ ବୟତ କରିଥିଲେ । ତାଙ୍କ ଅହେମଦୀୟତ ଗ୍ରହଣ କରିବା ପୂର୍ବର ସମୟର କଥା ଯେ ତାଙ୍କୁ ଥରେ ହଜରତ୍ ମିର୍ଜା ବଶୀର ଅହେମଦ୍ ସାହେବ ର ଅ ସୟଦନା ହଜରତ୍ ମସିହ ମଉଦ ଆ ସଙ୍କ ଜୀବନ ଚରିତ ବିଷୟରେ ତାଙ୍କ ସୁଗୁଣ ତଥା ତାଙ୍କ ଅଭ୍ୟାସ ବିଷୟରେ ପଚାରିଲେ । ସେ କହିଲେ ଯେ : "ମୁଁ ମୋ ବାପା ସାହେବଙ୍କ ମଧ୍ୟରେ (ଅର୍ଥାତ ୟଦନା ହଜରତ୍ ମସିହ ମଉଦ ଆ ସଙ୍କ ନିକଟରେ) ଏକ ବିଶେଷ ଜିନିଷ ଦେଖିଛି । ତାହା ହେଉଛି ଏହା ଯେ ମୋ ବାପା ଆଁହଜରତ୍ ସ ଅ ସଙ୍କ ବିରୁଦ୍ଧରେ ଗୋଟିଏ ବି ଶବ୍ଦ ଶୁଣିବାକୁ ବରଦାସ୍ତ କରିପାରୁ ନଥିଲେ । ଯଦି କୌଣସି ବ୍ୟକ୍ତି ଆଁହଜରତ୍ ସ ଆ ସ ଙ୍କ ବୈଭବ ଓ ସମ୍ମାନ ବିରୁଦ୍ଧରେ ସାମାନ୍ୟତମ କଥା ମଧ୍ୟ କହୁଥିଲା ସେତେବେଳେ ବାପା ସାହେବଙ୍କ ଚେହେରା ଲାଲ ହୋଇଯାଉଥିଲା ଏବଂ କ୍ରୋଧରେ ତାଙ୍କ ଆଖିର ରଙ୍ଗ ବଦଳି ଯାଉଥିଲା । ସେ ସଙ୍ଗେ ସଙ୍ଗେ ଏପରି ସଭାରୁ ଉଠି ଚାଲି ଯାଉଥିଲେ । ବାପାଙ୍କୁ ଆଁହଜରତ୍ ସ ଆ ସ ଙ୍କୁ ବହୁତ ଭଲ ପାଉଥିଲେ । ଏପରି ଭଲ ପାଇବା ମୁଁ ଅନ୍ୟ କୌଣସି ବ୍ୟକ୍ତିଙ୍କ ନକଟରେ ଦେଖିନାହିଁ । ମିର୍ଜା ସୁଲତାନ ଅହେମଦ ସାହେବ ଏହି କଥାକୁ ବାରମ୍ବାର ପୁନରାବୃତି କରୁଥିଲେ । ***(ପୁସ୍ତକ ସିରତ ତୟବାଃ ଲେଖକ ମିର୍ଜା ବଶୀର ଅହେମଦ ସାହେବ ର ଅ, ପୃ-୨୮-୨୯)***

ଜମାତ ଅହେମଦୀୟାର ପ୍ରତିଷ୍ଠାତା ଅ ସଙ୍କ ପୁତ୍ର କମରୁଲ୍ ଅମ୍ବିୟା ହଜରତ୍ ସାହେବଜାଦାଃ ମିର୍ଜା ବଶୀର ଅହେମଦ ସାହେବ ର ଅ ଉଲ୍ଲେଖ କରିଛନ୍ତି ଯେ :

*ଅବଶିଷ୍ଟାଂଶ ପୃଷ୍ଠା- ୧୨ ରେ ଦେଖନ୍ତୁ.........*

# : ଖୁତ୍‌ବା ଜୁମା :

ହଜରତ ମସିହ ମଉଦ ଆ ସ ଗୋଟିଏ ଅବସରରେ କହିଛନ୍ତି ଯେ ଯେଉଁଠାରେ ତୁମେ ଇସଲାମର ପରିଚୟ ଦେବାକୁ ଚାହୁଁଛ ସେଠାରେ ଏକ ମସଜିଦ ନିର୍ମାଣ କରିଦିଅ ॥

ଅଲ୍ଲାଃତାଲା ଏପରି କରନ୍ତୁ ଯେ ଏହି ମସଜିଦଟିକୁ ଆପଣମାନେ କେବଳ ହିଁ କେବଳ ଅଲ୍ଲାଃତାଲଙ୍କୁ ସନ୍ତୁଷ୍ଟ କରିବା ପାଇଁ ନିର୍ମାଣ କରିଥାନ୍ତୁ । ଏ ପ୍ରସଙ୍ଗରେ ହଜରତ ମୁହମ୍ମଦ ମୁସ୍ତଫା ସ ଆ ସ କହିଛନ୍ତି ଯେ, ଯିଏ ଅଲ୍ଲାଃଙ୍କ ସନ୍ତୁଷ୍ଟତା ଏବଂ ଅଲ୍ଲାଃଙ୍କ ପ୍ରସନ୍ନତା ପ୍ରାପ୍ତ କରିବା ପାଇଁ ମସଜିଦ ନିର୍ମାଣ କରିଥାଏ, ଅଲ୍ଲାଃତାଲା ବୈକୁଣ୍ଠରେ ତାପାଇଁ ସେହିପରି ସମାନ ଘର ନିର୍ମାଣ କରିବେ । ***(ସହି ମୁସଲିମ)***

ଏହି ମସଜିଦକୁ ଆବାଦ କରିବା ଆମ ସମସ୍ତଙ୍କର କର୍ତବ୍ୟ ଓ ଦାୟିତ୍ୱ । ପରସ୍ପର ପ୍ରତି ସ୍ନେହଭାବ ଏବଂ ପ୍ରେମଭାବ ରଖିବା ଆମର ଦାୟିତ୍ୱ । ସହନଶୀଳତା ଏବଂ ଭାଇଚାରାର ବାର୍ତାକୁ ଏ ଦୁନିଆରେ ପ୍ରଚାର ପ୍ରସାର କରିବା ଆମର ଦାୟିତ୍ୱ । ଇସଲାମର ସୁନ୍ଦର ଶିକ୍ଷାର ବାର୍ତାକୁ ଏ ସଂସାର ବାସୀଙ୍କୁ ଦେବା ଆମର ଦାୟିତ୍ୱ । ନିରନ୍ତର ପ୍ରାର୍ଥନା କରିବା ମାଧ୍ୟମରେ ନିଜକୁ ସୁଧାରିବା ହେଉଛି ଆମର ଦାୟିତ୍ୱ। ନିଜ ଉତର ପିଢିଙ୍କ ସଂସ୍କାର ପ୍ରତି ଧ୍ୟାନ ଦେବା ହେଉଛି ଆମର କର୍ତବ୍ୟ । ଏହା ସବୁ ହେଲେ ଆମେ ମସଜିଦର ପ୍ରକୃତ ଅଧିକାର ଓ ହକ ଦେଇପାରିବା ।

ଆଁହଜରତ ସ ଆ ସ କହିଛନ୍ତି ଯେ ବହୁତ ଶୀଘ୍ର ଏପରି ଯୁଗ ଆସିବ ଯେ ଇସଲାମର ନାମ ବ୍ୟତୀତ ଆଉ କିଛି ବାକି ରହିବ ନାହିଁ। ପବିତ୍ର କୁରଆନରେ କେବଳ ଶବ୍ଦ ବ୍ୟତୀତ ଆଉ କିଛି ବାକି ରହିବ ନାହିଁ । (ଅର୍ଥାତ ପବିତ୍ର କୁରଆନ ଉପରେ ଲୋକମାନେ ପରିଚାଳିତ ହେବେନାହିଁ କେବଳ ଲେଖା ଆକାରରେ ତାହା ରହିଯିବ) । ସେହି ଯୁଗରେ ଲୋକମାନଙ୍କର ମସଜିଦ ତ ପ୍ରକାଶ୍ୟରେ ଭରପୂର ଜଣା ପଡୁଥିବ କିନ୍ତୁ ତାହା ହିଦାୟତରୁ ଖାଲି ଥିବ । (ଅର୍ଥାତ ସେହି ମସଜିଦଗୁଡିକରେ ସତ୍ପଥ ମିଳୁ ନଥିବ) । ସେମାନଙ୍କ ଓ୍ୱଲେମାମାନେ ଆକାଶ ତଳେ ବସବାସ କରୁଥିବା ପ୍ରାଣୀଜଗତ ମଧ୍ୟରେ ସବୁଠାରୁ ନିକୃଷ୍ଟ ପ୍ରାଣୀ ହେବେ । ସେମାନଙ୍କ ନିକଟରୁ ବିଭ୍ରାଟ ସୃଷ୍ଟି ହେବ ଏବଂ ସେମାନଙ୍କ ନିକଟକୁ ସେହି ବିଭ୍ରାଟ ଫେରିଯିବ । ***ହଦିସ୍***

***ମସଜିଦ୍ ବୟତୁଲ୍ ଇକରାମ୍ ଡ୍ଲାସ ଆମେରିକାର ଉଦଘାଟନୀ ଉତ୍ସବ ଅବସରରେ ଜମାତର ସଦସ୍ୟମାନଙ୍କୁ ଜଣେ ଅହେମଦୀ ଭାବରେ ନିଜର କର୍ତବ୍ୟ ସମ୍ପାଦନ କରିବା ପାଇଁ ଉପଦେଶ ।***

**ଖୁତ୍‌ବା ଜୁମା: ସୟଦନା ଅମିରୁଲ ମୁମେନିନ୍ ଖଲିଫତୁଲ ମସିହ ଖାମିସ(ପଂଚମ)[ଅ.ବ]**
**(ପ୍ରଦତ:୨୩ ସେପ୍ଟେମ୍ବର ୨୦୨୨ ଅନୁଯାୟୀ ୨୩ ତବୁକ ୧୪୦୧ ହିଜ୍‌ରି ଶମ୍‌ସି)**

**ଖୁତ୍‌ବା ଜୁମାର ଏହି ଆଲେଖ୍ୟଟି ବଦର୍ କାର୍ଯ୍ୟାଳୟ ଅଲ୍‌ଫଜଲ୍ ଇଂଟରନ୍ୟାସନାଲ ଲଣ୍ଡନର କାର୍ଯ୍ୟାଳୟକୁ ଧନ୍ୟବାଦ ଜଣାଇ ପ୍ରକାଶ କରୁଅଛୁ ।**

اَشْهَدُ اَنْ لَّا اِلٰهَ اِلَّا اللّٰهُ وَحْدَهٗ لَا شَرِيْكَ لَهٗ وَاَشْهَدُ اَنَّ مُحَمَّدًا عَبْدُهٗ وَرَسُوْلُهٗ

اَمَّا بَعْدُ فَاَعُوْذُ بِاللّٰهِ مِنَ الشَّيْطٰنِ الرَّجِيْمِ - بِسْمِ اللّٰهِ الرَّحْمٰنِ الرَّحِيْمِ -

اَلْحَمْدُ لِلّٰهِ رَبِّ الْعٰلَمِيْنَ ○ الرَّحْمٰنِ الرَّحِيْمِ ○ مٰلِكِ يَوْمِ الدِّيْنِ ○ اِيَّاكَ نَعْبُدُ وَاِيَّاكَ نَسْتَعِيْنُ ○ اِهْدِنَا الصِّرَاطَ الْمُسْتَقِيْمَ ○ صِرَاطَ الَّذِيْنَ اَنْعَمْتَ عَلَيْهِمْ ۙ غَيْرِ الْمَغْضُوْبِ عَلَيْهِمْ وَلَا الضَّآلِّيْنَ ○

قُلْ اَمَرَ رَبِّيْ بِالْقِسْطِ ۣ وَاَقِيْمُوْا وُجُوْهَكُمْ عِنْدَ كُلِّ مَسْجِدٍ وَّادْعُوْهُ مُخْلِصِيْنَ لَهُ الدِّيْنَ ۬ كَمَا بَدَاَكُمْ تَعُوْدُوْنَ ﴿٣٠﴾ فَرِيْقًا هَدٰى وَفَرِيْقًا حَقَّ عَلَيْهِمُ الضَّلٰلَةُ ۭ اِنَّهُمُ اتَّخَذُوا الشَّيٰطِيْنَ اَوْلِيَآءَ مِنْ دُوْنِ اللّٰهِ وَيَحْسَبُوْنَ اَنَّهُمْ مُّهْتَدُوْنَ ﴿٣١﴾ يٰبَنِيْٓ اٰدَمَ خُذُوْا زِيْنَتَكُمْ عِنْدَ كُلِّ مَسْجِدٍ وَّكُلُوْا وَاشْرَبُوْا وَلَا تُسْرِفُوْا ۚ اِنَّهٗ لَا يُحِبُّ الْمُسْرِفِيْنَ ﴿٣٢﴾ (الاعراف:30 تا 32)

ଉପରୋକ୍ତ ଆୟତଗୁଡ଼ିକର ଅନୁବାଦ ହେଉଛି ଏପରି : (ତୁମ୍ଭେ) କୁହ ଆମ୍ଭର ପାଳନକର୍ତା ନ୍ୟାୟ (କରିବା) ପାଇଁ ଆମ୍ଭଙ୍କୁ ଆଦେଶ ଦେଇଛନ୍ତି ଏବଂ ତତସହିତ ଏ ଆଦେଶ ମଧ୍ୟ ଦେଇଛନ୍ତି ଯେ ତୁମ୍ଭେ ପ୍ରତ୍ୟେକ ମସଜିଦରେ (ଅର୍ଥାତ ପ୍ରତ୍ୟେକ ଉପାସନାପିଠରେ) ନିଜର ଧ୍ୟାନକୁ (ଅଲ୍ଲାଃଙ୍କ ପ୍ରତି) ସିଧା କରିନିଅ ଏବଂ ଅଲ୍ଲାଃଙ୍କୁ ହି ଁ ଉପାସନା ଯୋଗ୍ୟ ମନେକରି ତାହାଙ୍କୁ ଡ଼ାକ; ଯେପରି ସେ ତୁମମାନଙ୍କୁ ପ୍ରଥମେ ସୃଷ୍ଟି କରିଥିଲେ ସେହିପରି (ଅବସ୍ଥାରେ ମରିବା ପରେ) ତୁମମାନଙ୍କୁ ତାହାଙ୍କ ନିକଟକୁ ଫେରିବାକୁ ହେବ । ସେ ଗୋଟିଏ ଦଳକୁ ପଥ ପ୍ରଦର୍ଶନ କରିଛନ୍ତି ଏବଂ ଅନ୍ୟ ଏକ ଦଳ ପାଇଁ ପଥଭ୍ରଷ୍ଟତା ସିଦ୍ଧ ହୋଇଛି ; ସେମାନେ ଅଲ୍ଲାଃଙ୍କୁ ପରିତ୍ୟାଗ କରି ସଇତାନକୁ ବନ୍ଧୁ ରୂପେ ଗ୍ରହଣ କରିଛନ୍ତି; ଏବଂ ସେମାନେ ମନେ କରନ୍ତି ଯେ ସେମାନଙ୍କୁ ସତ୍ପଥ ପ୍ରାପ୍ତ ହୋଇଛି । ହେ ଆଦମଙ୍କ ସନ୍ତାନମାନେ ! ତୁମେମାନେ ପ୍ରତ୍ୟେକ ଉପାସନା ସ୍ଥାନ (ଓ ସମୟ)ରେ ଭୂଷଣ (ସାମଗ୍ରୀ) ଧାରଣ କର (ଅର୍ଥାତ ଧର୍ମପରାୟଣତାର ବସ୍ତ୍ର ପରିଧାନ କର); ଏବଂ ଖାଅ ଓ ପିଅ କିନ୍ତୁ ଅପବ୍ୟୟ କରନାହିଁ । କାରଣ ସେ (ଅଲ୍ଲାଃ) ଅପବ୍ୟୟକାରୀଙ୍କୁ ପସନ୍ଦ କରନ୍ତି ନାହିଁ । ***(ସୁରଃ ଅଲଆରାଫ : ୩୦-୩୨)***

ଆଜି ଅଲ୍ଲାଃତାଲା ଆପଣମାନଙ୍କୁ ନିଜର ଏକ ମସଜିଦ ଉଦଘାଟନ କରିବା ପାଇଁ ସୌଭାଗ୍ୟ ପ୍ରଦାନ କରୁଛନ୍ତି । ଯଦିଓ ଏହାର ନିର୍ମାଣ କିଛି ଦିନ ପୂର୍ବରୁ ସମ୍ପୂର୍ଣ୍ଣ ହୋଇସାରିଛି କିନ୍ତୁ ଆନୁଷ୍ଠାନିକ ଭାବରେ ଏବେ ଏହାର ଉଦଘାଟନ କରାଯାଉଅଛି । ଏଠାରେ ଆରମ୍ଭରେ ମସଜିଦ ରୂପରେ ଗୋଟିଏ ହଲ ତିଆରି କରାଯଇଥିଲା, କିନ୍ତୁ ବର୍ତମାନ ଏଠାରେ ଆପଣମାନେ ଆନୁଷ୍ଠାନିକ ଭାବରେ ଗୋଟିଏ ସୁନ୍ଦର ମସଜିଦ ମିର୍ମାଣ କରିଛନ୍ତି । ସେ ଯାହା ବି ହେଉ,ବର୍ତମାନ ଏଠାରେ ଗୋଟିଏ ସୁନ୍ଦର ମସଜିଦ ନିର୍ମାଣ କରାଯାଇଅଛି ଏବଂ କ୍ଷମତା ଦୃଷ୍ଟିକୋଣରୁ (ଅର୍ଥାତ ଏହାର ସ୍ଥାନ ଓ ଆକାର ଦୃଷ୍ଟିକୋଣରୁ) ମଧ୍ୟ ବହୁତ ବିସ୍ତୃତ । ଯେଉଁମାନେ ଏହି ମସଜିଦର ନିର୍ମାଣ କାର୍ଯ୍ୟରେ ଅଂଶଗ୍ରହଣ କରିଛନ୍ତି, ଅଲ୍ଲାଃତାଲା ସେ ସମସ୍ତଙ୍କୁ ଏହାର ହକ ପ୍ରଦାନ କରିବା ପାଇଁ ଶକ୍ତି ଓ ସାମର୍ଥ୍ୟ ପ୍ରଦାନ କରନ୍ତୁ ।

ଅଲ୍ଲାଃତାଲା ଏପରି କରନ୍ତୁ ଯେ ଏହି ମସଜିଦଟିକୁ ଆପଣମାନେ କେବଳ ହିଁ କେବଳ ଅଲ୍ଲାଃତାଲଙ୍କୁ ସନ୍ତୁଷ୍ଟ କରିବା ପାଇଁ ନିର୍ମାଣ କରିଥାନ୍ତୁ । ଏ ପ୍ରସଙ୍ଗରେ ହଜରତ ମୁହମ୍ମଦ ମୁସ୍ତଫା ସ ଆ ସ କହିଛନ୍ତି ଯେ, ଯିଏ ଅଲ୍ଲାଃଙ୍କ ସନ୍ତୁଷ୍ଟତା ଏବଂ ଅଲ୍ଲାଃଙ୍କ ପ୍ରସନ୍ନତା ପ୍ରାପ୍ତ କରିବା ପାଇଁ ମସଜିଦ ନିର୍ମାଣ କରିଥାଏ, ଅଲ୍ଲାଃତାଲା ବୈକୁଣ୍ଠରେ ତାପାଇଁ ସେହିପରି ସମାନ ଘର ନିର୍ମାଣ କରିବେ । ***(ସହି ମୁସଲିମ,କିତାବୁଲ ମସାଜିଦ,ବାବ ଫଜଲ ବିନାଅଲ୍ ମସଜିଦ....ହଦିସ ନଂ-୧୧୮୯)***

ଅଲ୍ଲାଃତାଲାଙ୍କୁ ସନ୍ତୁଷ୍ଟ କରିବା ପାଇଁ ନିର୍ମିତ ହୋଇଥିବା ମସଜିଦର କାମ ମସଜିଦ ତିଆରି ହେବା ପରେ ଶେଷ ହୋଇଯାଏ ନାହିଁ ବରଂ ଅଲ୍ଲାଃତାଲାଙ୍କ ପ୍ରସନ୍ନତା ମଣିଷ ସେତେବେଳେ ପ୍ରାପ୍ତ କରିବାର ଅଧିକାରୀ ହେବ, ଯେତେବେଳେ ସେ ଅଲ୍ଲାଃଙ୍କ ନିର୍ଦ୍ଦେଶାବଳୀ ଗୁଡ଼ିକ

ଉପରେ ପରିଚାଳିତ ହେଉଥିବ,ତାହାଙ୍କ ଉପାସନାର ହକକୁ ପ୍ରଦାନ କରୁଥିବ,ତାହାଙ୍କ ପ୍ରାଣୀଜଗତର ଅଧିକାରକୁ ପ୍ରଦାନ କରୁଥିବ, ବିଶ୍ୱସ୍ତତା ତଥା ଆନ୍ତରିକତା ସହିତ ଧର୍ମକୁ ସଂସାର ଉପରେ ଅଗ୍ରାଧିକାର ଦେଉଥିବ ଏବଂ ନିଜ ବୟତର (ଅର୍ଥାତ ଦୀକ୍ଷାର) ହକକୁ ପ୍ରଦାନ କରୁଥିବ ।

ଆମେ ବଡ଼ ଭାଗ୍ୟବାନ ଯେ ଆମେ ଏ ଯୁଗର ଇମାମ ତଥା ହଜରତ ମୁହମ୍ମଦ ମୁସ୍ତଫା ସ ଆ ସ ଙ୍କ ସଚ୍ଚା ଦାସଙ୍କୁ ମାନିନେଇଛେ । ତେଣୁ ସର୍ବଦା ଆମକୁ ଏକଥା ମନେ ରଖିବା ଉଚିତ ଯେ ହଜରତ ମସିହ ମଉଦ ଆ ସ ଙ୍କୁ ମାନିବା ଏବଂ ତାଙ୍କର ବୟତ କରିବା ଆମ ଉପରେ ବହୁତ ବଡ଼ ଦାୟିତ୍ୱ ନ୍ୟସ୍ତ କରୁଅଛି । ଆମର କାମ ତାଙ୍କ ବୟତ କରିବା ପରେ ଶେଷ ହୋଇଯାଉନାହିଁ ବରଂ ପୂର୍ବାପେକ୍ଷା ଅଧିକା ବଢିଯାଇଛି । ତା'ପରେ ଆମେ ସେହି ପୁରସ୍କାରର ଅଧିକାରୀ ହେବା ଯେଉଁ ପୁରସ୍କାରର ପ୍ରତିଶ୍ରୁତି ଅଲ୍ଲାଃତାଲା ହଜରତ ମସିହ ମଉଦ ଆ ସ ଙ୍କୁ ଦେଇଛନ୍ତି । ଅତଃ ଆମ ମାନଙ୍କ ମଧ୍ୟରୁ ପ୍ରତ୍ୟେକଙ୍କୁ ନିଜ ନିଜର ଦାୟିତ୍ୱକୁ ବୁଝିବାକୁ ହେବ ।

ଏହି ମସଜିଦକୁ ଆବାଦ କରିବା ଆମ ସମସ୍ତଙ୍କର କର୍ତବ୍ୟ ଓ ଦାୟିତ୍ୱ । ପରସ୍ପର ପ୍ରତି ସ୍ନେହଭାବ ଏବଂ ପ୍ରେମଭାବ ରଖିବା ଆମର ଦାୟିତ୍ୱ । ସହନଶୀଳତା ଏବଂ ଭାଇଚାରାର ବାର୍ତାକୁ ଏ ଦୁନିଆରେ ପ୍ରଚାର ପ୍ରସାର କରିବା ଆମର ଦାୟିତ୍ୱ । ଇସଲାମର ସୁନ୍ଦର ଶିକ୍ଷାର ବାର୍ତାକୁ ଏ ସଂସାର ବାସୀଙ୍କୁ ଦେବା ଆମର ଦାୟିତ୍ୱ । ନିରନ୍ତର ପ୍ରାର୍ଥନା କରିବା ମାଧ୍ୟମରେ ନିଜକୁ ସୁଧାରିବା ହେଉଛି ଆମର ଦାୟିତ୍ୱ । ନିଜ ଉତର ପିଢିଙ୍କ ସଂସ୍କାର ପ୍ରତି ଧ୍ୟାନ ଦେବା ହେଉଛି ଆମର କର୍ତବ୍ୟ । ଏହା ସବୁ ହେଲେ ଆମେ ମସଜିଦର ପ୍ରକୃତ ଅଧିକାର ଓ ହକ ଦେଇପାରିବା ।

ହଜରତ ମସିହ ମଉଦ ଆ ସ ଗୋଟିଏ ଅବସରରେ କହିଛନ୍ତି ଯେ ଯେଉଁଠାରେ ତୁମେ ଇସଲାମର ପରିଚୟ ଦେବାକୁ ଚାହୁଁଛ ସେଠାରେ ଏକ ମସଜିଦ ନିର୍ମାଣ କରିଦିଅ ॥ *(ଉଦ୍ଧୃତାଂଶ ମଲଫୁଜାତ, ଖ-୦୭,ପୃ-୧୧୯,ଏଡ଼ିଶନ ୧୯୮୪)* ଏବେ ଏହି ମସଜିଦ ନିର୍ମାଣ ହେବା ଦ୍ୱାରା ଏହି କ୍ଷେତ୍ରରେ ପ୍ରକାଶ୍ୟରେ ଇସଲାମର ପରିଚୟ ହେବ । ଆଜିକାଲି ଏଠାରେ ଅଧିକ ଲୋକଙ୍କ ଉପସ୍ଥିତି ଏବଂ ଗହଳି ଚହଳି ରହିବା ସତ୍ୱେ ମଧ୍ୟ କିଛି ପଡୋଶୀ ଏଠାକୁ ଆସିଛନ୍ତି ଏବଂ ନିଜର ଭଲ ଭାବନା ଓ ଚିନ୍ତାଧାରାକୁ ବ୍ୟକ୍ତ କରିଛନ୍ତି । ନିକଟରେ ବସବାସ କରୁଥିବା ଜଣେ ଘନିଷ୍ଟ ପଡୋଶୀ କିଛି ଦିନ ହେବ ଏଠାକୁ ପରିଦର୍ଶନ କରିବାକୁ ଆସିଥିଲେ । ସେ ମଧ୍ୟ ଏହା କହିଲେ ଯେ ଆମେ ଆପଣମାନଙ୍କ ପରି ପଡୋଶୀଙ୍କୁ ପାଇ ବହୁତ ଖୁସି । କିନ୍ତୁ ତଥାପି ଆମେ ଆମ ପଡୋଶୀମାନଙ୍କର ଯତ୍ନ ନେବା ଉଚିତ ଏବଂ ଏଠାରେ ଅନାବଶ୍ୟକ କୋଳାହୋଳ କରିବା ଉଚିତ ନୁହେଁ ଓ ଆଇନ କାନୁନ ଭିତରେ ରହି ସବୁ କାମ କରିବା ଉଚିତ । ସେ ଯାହା ବି ହେଉ ମସଜିଦ ସହିତ ପଡୋଶୀମାନଙ୍କର ପରିଚୟ ବଢିବ । ଏଠାରେ ରାସ୍ତାରେ ଯାଉଥିବା ଲୋକମାନେ ମଧ୍ୟ ଏହା ସହିତ ପରିଚିତ ହେବେ । ଏହି ପରିଚୟ ଯୋଗୁଁ ତବଲିଗ କରିବାର ରାସ୍ତା ଖୋଲିଯିବ । ତେଣୁ ପ୍ରତ୍ୟେକ ଅହେମଦୀଙ୍କୁ ଇସଲାମୀୟ ଶିକ୍ଷାର ଏକ ନମୁନା ହେବାକୁ ପଡିବ, ଏପରି ହେବା ଉଚିତ ମଧ୍ୟ । ଏ ଦୁନିଆକୁ ଏକ ସ୍ୱଷ୍ଟ ପାର୍ଥକ୍ୟ ଦେଖାଯିବା ଉଚିତ ଯେ ଏହି ସଂସାରିକ ସମାଜରେ ଏପରି ଲୋକେ ମଧ୍ୟ ଅଛନ୍ତି,ଯେଉଁମାନେ ଏ ଦୁନିଆରେ ରହି ଏ ଦୁନିଆର କାମ କରି ପୁଣି ଧର୍ମକୁ ସଂସାର ଉପରେ ବି ଅଗ୍ରାଧିକାର ଦେଉଛନ୍ତି,ଏବଂ ନିଜର ସୃଷ୍ଟିକର୍ତା ସର୍ବଶକ୍ତିମାନ ଈଶ୍ୱରଙ୍କ ସହିତ ସମ୍ପର୍କ ମଧ୍ୟ ରଖିଛନ୍ତି । ସେହିପରି ପ୍ରାଣୀଜଗତ ପ୍ରତି ସହାନୁଭୂତି ମଧ୍ୟ ଦେଖାଉଛନ୍ତି ଓ ପ୍ରାଣୀଜଗତର ହିତରେ କାମ କାମ ମଧ୍ୟ କରୁଛନ୍ତି । ଯେତେବେଳେ ଏହି ସାଂସାରିକ ଲୋକମାନେ ଏହି ଜିନିଷ ସବୁ ଦେଖନ୍ତି,ସେତେବେଳେ ସେମାନଙ୍କ ମଧ୍ୟରେ କୌତୁହଳ ସୃଷ୍ଟି ହୁଏ । ତାପରେ ପୁଣି ଇସଲାମର ପ୍ରଚାର ପ୍ରସାରର ବାଟ ଖୋଲିଯାଏ । ତେଣୁ ପ୍ରତ୍ୟେକ ଅହେମଦୀଙ୍କୁ ପୂର୍ବାପେକ୍ଷା ଅଧିକା ଇସଲାମୀୟ ଶିକ୍ଷାର ବ୍ୟବହାରିକ ଚିତ୍ର ହେବାର ଆବଶ୍ୟକତ ରହିଛି ।

ମୁଁ ପବିତ୍ର କୁରଆନର ଯେଉଁ ଆୟତଗୁଡିକ ଆବୃତି କଲି,ସେହି ଆୟତଗୁଡିକରେ ମଧ୍ୟ ଅଲ୍ଲାଃତାଲା ମସଜିଦ ସହିତ ଜଡ଼ିତ ରହିବା ପାଇଁ ଲୋକମାନଙ୍କୁ କେତେକ ଦାୟିତ୍ୱ ପ୍ରତି ଧ୍ୟାନ ଆକର୍ଷଣ କରାଇଛନ୍ତି । ସର୍ବପ୍ରଥମେ ତ ଅଲ୍ଲାଃତାଲା ଏହା କହିଛନ୍ତି ଯେ ନ୍ୟାୟ ପ୍ରତିଷ୍ଠା କର,ଏବଂ ନ୍ୟାୟ ପ୍ରତିଷ୍ଠା କରିବା ସ ମ୍ବ ନ୍ଧ େ ର ପବିତ୍ର କୁରଆନରେ ଅନ୍ୟ ଏକ ସ୍ଥାନରେ ଅଲ୍ଲାଃତାଲା ଏହା କହିଛନ୍ତି ଯେ କୌଣସି ଜାତିର ଶତୃତା ମଧ୍ୟ ତୁମକୁ ନ୍ୟାୟ କରିବାରୁ ଦୂରେଇ ନଦେଉ । ଏବେ ଏହି ନ୍ୟାୟ ସ୍ଥାପନ କରିବାର ମାନକକୁ ଦେଖନ୍ତୁ ଏହା ଦ୍ୱାରା ଜଣେ ଅନ୍ୟ କାହା ବିଷୟରେ ଭୂଲ ଚିନ୍ତା କରିପାରିବ ନାହିଁ । କାହାକୁ କ୍ଷତି ପହଂଚାଇବାର ପ୍ରଶ୍ନ ଉଠୁନାହିଁ । ଏପରି ବ୍ୟକ୍ତି ତ ଅନ୍ୟମାନଙ୍କୁ କିପରି ଲାଭ ପହଂଚାଇବ,ତାହାର ସୁଯୋଗ ଖୋଜୁଥିବ ଯେ କିପରି ସେ ଏଥିରେ ନିଜର ଭୂମିକା ନିର୍ବାହ କରିପାରିବ । ଯେତେବେଳେ ଏପରି ଅଧିକାରକୁ ପ୍ରଦାନ କରୁଥିବା ଜଣେ ମଣିଷ ସମାଜରେ ରହିଥିବ ସେତେବେଳେ ସମାଜ ଓ ପରିବେଶ ଉପରେ ଚିଶ୍ଚିତ ଭାବରେ ଏକ ସକରାତ୍ମକ ପ୍ରଭାବ ପଡିବ । ଏହି ପୂଣ୍ୟ ପ୍ରଭାବ ପୁଣି ତବଲିଗ କରିବାର ମାର୍ଗକୁ ଉନ୍ମୋଚନ କରିଥାଏ । ତେଣୁ ଅଲ୍ଲାଃତାଲା ପ୍ରକୃତ ବିଶ୍ୱାସକାରୀଙ୍କୁ ,ମସଜିଦକୁ ଆସୁଥିବା ଲୋକମାନଙ୍କୁ ମସଜିଦ ପ୍ରସଙ୍ଗରେ ପ୍ରଥମ ଉପଦେଶ ଏହା ଦେଇଛନ୍ତି ଯେ ଲୋକମାନଙ୍କ ଅଧିକାରକୁ ପ୍ରଦାନ କରିବାର ବ୍ୟବସ୍ଥା କର ଏବଂ ଏଥି ସକାଶେ ସବୁଠାରୁ ଗୁରତ୍ୱପୂର୍ଣ୍ଣ ବିଷୟ ହେଉଛି ନ୍ୟାୟ ପ୍ରତିଷ୍ଠା କରିବା । ଏବେ ଦେଖନ୍ତୁ ଅଲ୍ଲାଃତାଲା ଯେଉଁଠି ଅଜଣା ଲୋକ ତଥା ଶତୃମାନଙ୍କ ସହିତ ନ୍ୟାୟ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି,ସେଠାରେ ଆମେମାନେ ଆମ ନିଜ ଲୋକମାନଙ୍କ ମଧ୍ୟରେ କିପରି ପ୍ରେମଭାବ ଓ ସ୍ନେହଭାବରେ ରହିବ ଉଚିତ । ଯେତେବେଳେ ଏପରି ଅବସ୍ଥା ରହେ ସେତେବେଳେ ଅଲ୍ଲାଃତାଲାଙ୍କ ପ୍ରେମ ଦୃଷ୍ଟି ମଧ୍ୟ ଏପରି ଲୋକମାନଙ୍କ ଉପରେ ପଡିଥାଏ । ଯେତେବେଳେ ଏପରି ଲୋକେ ମସଜିଦକୁ ଅଲ୍ଲାଃତାଲାଙ୍କ ଉପାସନା କରିବା ନିମନ୍ତେ ଆସନ୍ତି,ସେତେବେଳେ ଅଲ୍ଲାଃତାଲା ସେମାନଙ୍କର ଉପାସନାକୁ ଗ୍ରହଣ କରିଥାନ୍ତି । କିନ୍ତୁ ଯଦି ଜଣେ ଲୋକ ନିଜ ଘରେ ନିଜ ପତ୍ନୀଙ୍କ ସହିତ ଉତମ ବ୍ୟବହାର କରୁନାହିଁ, ସବୁବେଳେ ଅପମାନ ବା ଦୁର୍ବ୍ୟବହାର କରୁଛି ଏବଂ ତା ପିଲାମାନେ ବି ତାକୁ ଭୟ କରୁଛନ୍ତି, ପୁଣି ସେ ନିଜର ଏପରି କର୍ମ ଦ୍ୱାରା ନିଜ ପିଲାମାନଙ୍କୁ ଧର୍ମଠାରୁ ଦୂରେଇ ରଖିବାର କାରଣ ହେଉଛି, ସେତେବେଳେଏପରି ଲୋକର ଜମାତି କାମ ଏବଂ ଏପରି ଲୋକର ଉପାସନା ଅଲ୍ଲାଃତାଲାଙ୍କ ନିକଟରେ ଗ୍ରହଣୀୟ ହୋଇ ନଥାଏ । ଏପରି ଦୋହରା କର୍ମ ଜରିଆର ମଣିଷ ଅନ୍ୟ କାହାକୁ ଧୋକା ଦେଇନଥାଏ ବରଂ ନିଜକୁ ଧୋକା ଦେଇଥାଏ।

ତେଣୁ ପ୍ରକୃତ ମୋମିନ (ଅର୍ଥାତ ପ୍ରକୃତ ବିଶ୍ୱାସକାରୀ) ହେଉଛି ସେ ଯିଏ ଭିତରେ ତଥା ବାହାରେ ନ୍ୟାୟକୁ ପ୍ରତିଷ୍ଠା କରିଥାଏ । ଯାହାର କଥନ ଏବଂ କାର୍ଯ୍ୟ ସମାନ ହୋଇଥାଏ । ଏହି ଲୋକମାନେ ବାସ୍ତବିକ ମସଜିଦକୁ ଆବାଦ କରିବାର ହକକୁ ପ୍ରଦାନ କରିଥାନ୍ତି । କାରଣ ସେମାନଙ୍କର ହୃଦୟ ଅଲ୍ଲାଃତାଲାଙ୍କ ବିଶ୍ୱାସରେ ପରିପୂର୍ଣ୍ଣ ହୋଇ ରହିଥାଏ ।

ଅତଃ ଏହି ସ୍ତରକୁ ପ୍ରାପ୍ତ କରିବା ହେଉଛି ଆମର କାମ । ନଚେତ କେବଳ ମସଜିଦ ତିଆରି କରିଦେବା ବା ଏଠାରେ ଆସି ନିଜ ମୁଣ୍ଡର ବୋଝକୁ ଓହ୍ଲାଇବା ପାଇଁ ଶୀଘ୍ର ଶୀଘ୍ର ନମାଜ ପାଠ କରିଦେବା କୌଣସି ବଡ କଥା ନୁହେଁ । ତେଣୁ ମଣିଷ ଯେତେବେଳେ ଉପରୋକ୍ତ ସ୍ତରକୁ ହାସଲ କରିନେବ ସେତେବେଳେ ସେ ଅଲ୍ଲାଃତାଲାଙ୍କ ନିକଟରେ ଜଣେ ନିରୀହ ଶିଶୁ ପରି ହୋଇଯାଇଥାଏ । ତାହାର ଅନ୍ତିମ ପରିଣାମ ବହୁତ ଭଲ ହୋଇଥାଏ । କାରଣ ସେ ଅଲ୍ଲାଃତାଲାଙ୍କ ହକକୁ ପ୍ରଦାନ କରିବା ସହିତ ତା ଭକ୍ତଜନଙ୍କ ଅଧିକାର ଗୁଡିକୁ ବି ପ୍ରଦାନ କରିଚାଲିଥାଏ । ତେଣୁ କାହାକୁ ବି ଏଥିପାଇଁ ଗର୍ବ ନକରିବା ଉଚିତ ଯେ ମୁଁ ବହୁତ ନମାଜ ପାଠ କରୁଛି ବା ପାଂଚ ବେଳା ମସଜିଦକୁ ଆସୁଛି ଏବଂ ତା ସହିତ ଜମାତର କାମ ବି କରୁଛି । ଏହା ମୋ ପାଇଁ ଯଥେଷ୍ଟ ବୋଲି । ହଜରତ ମୁହମ୍ମଦ ମୁସ୍ତଫା ସ ଆ ସ କହିଛନ୍ତି ଯେ ଯିଏ ଲୋକମାନଙ୍କର ହକକୁ ପ୍ରଦାନ କରୁନାହିଁ ସେ ଅଲ୍ଲାଃତାଲାଙ୍କର ହକକୁ ବି ପ୍ରଦାନ କରୁନାହିଁ *(ଜାମେ ତିରିମିଜି,ଅବୱାବୁଲ ବିର୍‌ର ୱ୍ସ ସିଲାଃ,ବାବ ମା ଜାଆ ଫିସ୍ ଶୁକର....ହଦିସ ନଂ-୧୯୫୪)*

ତେଣୁ ଆମକୁ ମନେ ମନେ ଏଥିପାଇଁ ଖୁସି ହେବା ଉଚିତ ନୁହେଁ । ପ୍ରକୃତ ଉପାସକ ଏବଂ ମସଜିଦକୁ ଆବାଦ କରିବା ଲୋକ ହେଉଛି ସେ ଯିଏ ତା ହୃଦୟ ମଧ୍ୟରେ ଅଲ୍ଲାଃତାଲାଙ୍କ ଭୟ ଏବଂ ଡ଼ର ରଖି ଅଲ୍ଲାଃତାଲାଙ୍କ ଆଦେଶାବଳୀ ଗୁଡ଼ିକ ଉପରେ ପରିଚାଳିତ ହୋଇଥାଏ । ପୁଣି ଏକ ସ୍ଥାନରେ ଅଲ୍ଲାଃତାଲା ଜୋର ଦେଇ କହିଛନ୍ତି ଯେ ଯଦି ତୁମେ ଅଲ୍ଲାଃତାଲାଙ୍କ ଆଦେଶାବଳୀ ଗୁଡ଼ିକ ଉପରେ ପରିଚାଳିତ ନ ହେବ, ଧର୍ମକୁ ଅଲ୍ଲାଃତାଲାଙ୍କ ପାଇଁ ଶୁଦ୍ଧ କରି ନିଜର ଅବସ୍ଥାକୁ ସୁଧାରିବା ପାଇଁ ଭରପୁର ଚେଷ୍ଟା ନକରିବ,ତୌବାଃ ଏବଂ ଇସ୍ତେଗଫାର (ଅର୍ଥାତ ଅନୁତାପ କରି) ଅଲ୍ଲାଃତାଲାଙ୍କ ନିକଟରେ ଅହରହ କ୍ଷମାଯାଚନା କରିବା ପ୍ରତି ଧ୍ୟାନ ନଦେବ,ତା'ହେଲେ ସଇତାନ ତୁମ ଉପରେ ପ୍ରାଧାନ୍ୟ ବିସ୍ତାର କରିନେବ । ତେଣୁ ଅଲ୍ଲାଃତାଲାଙ୍କ ନିକଟରେ ନତମସ୍ତକ ହୋଇ ତୌବାଃ ଏବଂ ଇସ୍ତେଗଫାର କରିବା ପ୍ରତି ନିରନ୍ତର ଧ୍ୟାନ ଦିଅନ୍ତୁ । ଆଜିକାଲିର ଏହି ସାଂସାରିକ ପରିବେଶରେ ବିଶେଷ ଭାବରେ ଏଥିପ୍ରତି ବହୁତ ଧ୍ୟାନ ଦେବାର ଆବଶ୍ୟକତା ରହିଛି । ଯଦି ଏଥିପ୍ରତି ଧ୍ୟାନ ଦିଆଯାଏ ତାହେଲେ ନିଶ୍ଚିତ ରୂପେ ସଫଳତା ଲାଭ ହେବ । ତେବେ ଯାଇ ଜଣେ ଗୋଟିଏ ନିରୀହ ପିଲା ପରି ଅଲ୍ଲାଃତାଲାଙ୍କ ନିକଟରେ ହାଜର ହୋଇପାରିବା ।

ମୁସଲମାନମାନଙ୍କ ଅବସ୍ଥା ବିଗିଡି ଯିବା ଯୋଗୁଁ ହିଁ ଇସଲାମର ଅବନତି ଆରମ୍ଭ ହେଲା । ଯେତେବେଳେ ସେମାନେ ନ୍ୟାୟକୁ ହାତଛଡା କରିଦେଲେ ଏବଂ ଅଲ୍ଲାଃଙ୍କ ଉପାସନାର ହକକୁ ପ୍ରଦାନ କଲେନାହିଁ , ସେତେବେଳେ ସବୁକିଛି ନଷ୍ଟ ହୋଇଗଲା ।

ମୁସଲମାନମାନେ ସୁନ୍ଦର ସୁନ୍ଦର ମସଜିଦ ଅବଶ୍ୟ ନିର୍ମାଣ କରିଛନ୍ତି ଏବେ କରୁଛନ୍ତି ମଧ୍ୟ ଆଜିକାଲି ତ ପାକିସ୍ତାନରେ ଅହେମଦୀମାନଙ୍କ ମସଜିଦଗୁଡିକୁ ଭାଙ୍ଗିଦେବା ପାଇଁ ଜୋର ଚାଲିଛି । ଏହା ଏଇଥିପାଇଁ ଯେ ସେମାନେ ଏହା ଭାବୁଛନ୍ତି ଯେ ଅହେମଦୀମାନଙ୍କ ମସଜିଦ ଆମ ମସଜିଦ ଭଳି ସମାନ ନହେଉ । ଅହେମଦୀମାନଙ୍କ ମସଜିଦରେ ମିନାର ତିଆରି ନହେଉ । ଅହେମଦୀମାନଙ୍କ ମସଜିଦରେ ମେହରାବ ନହେଉ । କିନ୍ତୁ ସେମାନଙ୍କ ଭିତରେ ଇବାଦୁର ରହମାନ୍ (ଅର୍ଥାତ ଦୟାମୟ ଅଲ୍ଲାଃଙ୍କ ଉପାସକ) ସୃଷ୍ଟି ହେଉ ନାହାନ୍ତି । ସେମାନେ ଏକଥାରେ ଗର୍ବ ଅନୁଭବ କରୁଛନ୍ତି ଯେ ଆମେ ଅହେମଦୀମାନଙ୍କ ଉପରେ ଅତ୍ୟାଚାର କରୁଅଛୁ ବା ସେମାନଙ୍କ ମତରେ ଅହେମଦୀମାନଙ୍କୁ ସିଧା ରାସ୍ତାରେ ପରିଚାଳିତ କରିବା ପାଇଁ ଚେଷ୍ଟା କରୁଅଛୁ । ପୂର୍ବ ଯୁଗରେ ବି ଏହିପରି ଇସଲାମର ପତନ ଘଟିଥିଲା । ଏପରି ଏଇଥିପାଇଁ ହୋଇଥିଲା ଯେ ମସଜିଦରେ ନମାଜିମାନଙ୍କର ସଂଖ୍ୟା ଲୋକଦେଖାଣିଆ ଥିଲା । କେତେକ ସ୍ଥାନରେ

ପ୍ରକୃତ ମୁସଲଲମାନ ତ ଦେଖିବାକୁ ମିଳୁଥିଲେ କିନ୍ତୁ ସାଧାରଣତଃ ଅବନତି ଘଟୁଥିଲା । ପରିଶେଷରେ ଏହା ସବୁ କିଛି ତ ହେବାର ଥିଲା କାରଣ ହଜରତ ମୁହମ୍ମଦ ମୁସ୍ତଫା ସ ଆ ସ ଏ ବିଷୟରେ ପୂର୍ବରୁ ଅବଗତ କରାଇଥିଲେ । କିନ୍ତୁ ଏପରି ଅନ୍ଧକାରମୟ ଯୁଗ ପରେ ମସିହ ମଉଦ ଆ ସଙ୍କ ଆଗମନ ଦ୍ୱାରା ଆଲୋକର ଯୁଗ ଆସିଲା ଏବଂ ଆଁହଜରତ ସ ଆ ସ ଙ୍କ ସେହି ସଚ୍ଚା ଦାସଙ୍କ ହାତରେ ଆମେ ଏ ପ୍ରତିଜ୍ଞା କରି ବୟତ(ଦୀକ୍ଷା)କରିବାର ସୌଭାଗ୍ୟ ପାଇଲୁଁ ଯେ ଆମେ ଧର୍ମକୁ ସଂସାର ଉପରେ ଅଗ୍ରାଧିକାର ଦେବୁ ଏବଂ ପବିତ୍ର କୁରଆନର ନିର୍ଦ୍ଦେଶାବଳୀଗୁଡ଼ିକ ଉପରେ ପରିଚାଳିତ ହେବୁ । ଯଦି ଏହା ଆମେ ପ୍ରତିଜ୍ଞା କରିଛେ ତାହେଲେ ଏପରି କ୍ଷେତ୍ରରେ ଆମକୁ ନିଜର ଅବସ୍ଥା ପ୍ରତି ବହୁତ ଧ୍ୟାନ ଦେବାର ଆବଶ୍ୟକତା ରହିଛି । ଅନ୍ୟମାନଙ୍କ ମସଜିଦର ଯେଉଁ ଅବସ୍ଥା ରହିଛି ସେହି ଅବସ୍ଥାରୁ ଆମକୁ ଆମ ମସଜିଦଗୁଡ଼ିକୁ ବଂଚାଇବାକୁ ହେବ । ସେହି ଅବସ୍ଥା ବିଷୟରେ ହଜରତ ଅଲୀ ର ଅଙ୍କର ଗୋଟିଏ ରିଓ୍ୱାୟତ ଅଛି ଯେ ଆଁହଜରତ ସ ଆ ସ କହିଛନ୍ତି ଯେ ବହୁତ ଶୀଘ୍ର ଏପରି ଯୁଗ ଆସିବ ଯେ ଇସଲାମର ନାମ ବ୍ୟତୀତ ଆଉ କିଛି ବାକି ରହିବ ନାହିଁ । ପବିତ୍ର କୁରଆନରେ କେବଳ ଶବ୍ଦ ବ୍ୟତୀତ ଆଉ କିଛି ବାକି ରହିବ ନାହିଁ । (ଅର୍ଥାତ ପବିତ୍ର କୁରଆନ ଉପରେ ଲୋକମାନେ ପରିଚାଳିତ ହେବେନାହିଁ କେବଳ ଲେଖା ଆକାରରେ ତାହା ରହିଯିବ) । ସେହି ଯୁଗରେ ଲୋକମାନଙ୍କର ମସଜିଦ ତ ପ୍ରକାଶ୍ୟରେ ଭରପୂର ଜଣା ପଡୁଥିବ କିନ୍ତୁ ତାହା ହିଦାୟତରୁ ଖାଲି ଥିବ । (ଅର୍ଥାତ ସେହି ମସଜିଦଗୁଡିକରେ ସତ୍ପଥ ମିଳୁ ନଥିବ) । ସେମାନଙ୍କ ଓ୍ୱଲେମାମାନେ ଆକାଶ ତଳେ ବସବାସ କରୁଥିବା ପ୍ରାଣୀଜଗତ ମଧ୍ୟରେ ସବୁଠାରୁ ନିକୃଷ୍ଟ ପ୍ରାଣୀ ହେବେ । ସେମାନଙ୍କ ନିକଟରୁ ବିଭ୍ରାଟ ସୃଷ୍ଟି ହେବ ଏବଂ ସେମାନଙ୍କ ନିକଟକୁ ସେହି ବିଭ୍ରାଟ ଫେରିଯିବ । ***(ଅଲଜାମେ ଲି ଶାଆବୁଲ ଇମାନ, ଖ-୦୩, ପୃ-୩୧୮,ବାବ ଫି ନଶରିଲ ଇଲମ୍, ହଦିସ ନଂ-୧୭୬୩, ....ରିୟାଜ୍ ୨୦୦୩)***

ଆମେ ଆଜିକାଲି ଏହିସବୁ କିଛି ଅଧିକାଂଶ ମୁସଲମାନ ମସଜିଦଗୁଡ଼ିକରେ ଦେଖୁଅଛେ । ଯାହା କିଛି ଆମେ ଆଜିକାଲି ଦେଖୁଅଛେ,ଏହା ଆମ ପାଇଁ ଏକ ଚେତାବନୀ । ସେମାନଙ୍କ ମଧ୍ୟରେ ବିଭ୍ରାଟ ବ୍ୟତୀତ ଆଉ କିଛି ହିଁ ନାହିଁ । ଯଦି କିଛି ଆମ ଉପରେ ତାଙ୍କାର ଜୋର ଜବ୍ରଦସ୍ତି ରହିଛି,ତାହା ହେଉଛି ଜମାତ ଅହେମଦୀୟାର ମସଜିଦକୁ ଭାଙ୍ଗି ଦେବା । ଯେପରି କି ମୁଁ ପୂର୍ବରୁ କହିସାରିଛି । ଏମାନେ ତ ଆମ ସସଜିଦକୁ ମସଜିଦ ବୋଲି କହୁନାହାନ୍ତି । ଇବାଦତ ଗାଃ (ଅର୍ଥାତ ଉପାସନା ପୀଠ) କହୁଛନ୍ତି । ତେଣୁ କହୁଛନ୍ତି ଏହି ମସଜିଦଗୁଡ଼ିକର ମେହରାବକୁ ଭାଙ୍ଗିଦିଆ ଧର୍ମ ସେବା କରିବା ପାଇଁ ସେମାନଙ୍କ ନିକଟରେ ଆଉ କିଛି ବାଟ ନାହିଁ । କୌଣସି ନ୍ୟାୟ ନାହିଁ । ସେ ଯାହା ବି ହେଉ ଏହି ସବୁ ବିଷୟ ଆମକୁ ଏ ଶିକ୍ଷା ଦେଉଛି ଯେ ଆମେ କିପରି ନିଷ୍ଠାପର ଭାବରେ ଶୁଦ୍ଧ ହୋଇ ମସଜିଦଗୁଡ଼ିକର ତତସହିତ ଲୋକମାନଙ୍କର ହକକୁ ମଧ୍ୟ ପ୍ରଦାନ କରିବା ।

ହଜରତ ମସିହ ମଉଦ ଅ ସ ଉକ୍ତ ଆୟତ ଗୁଡ଼ିକ ମଧ୍ୟରୁ ପ୍ରଥମ ଆୟତର ବ୍ୟାଖ୍ୟା କରି କହିଛନ୍ତି ଯେ ''ଇସଲାମର ବାହ୍ୟ ଏବଂ ଶାରିରୀକ ରୂପରେ ମଧ୍ୟ ଦୃବଳତା ଆସିଯାଇଛି । ସେହି ଶକ୍ତି ଏବଂ ସାମର୍ଥ୍ୟ ଇସଲାମୀୟ ସାମ୍ରାଜ୍ୟରେ ଆଉ ନାହିଁ ଯାହା **ମୁଖଲିସିନା ଲହୁଦ ଦ୍ଦୀନା** ଆୟତରେ ଶିକ୍ଷା ଦିଆ ଯାଇଥିଲା, ତାହାର ନମୁନା ଆଉ ଦେଖିବାକୁ ମିଳୁନାହିଁ ।

ଆଭ୍ୟନ୍ତରୀଣ ଭାବରେ ଇସଲାମର ଅବସ୍ଥା ବହୁତ ଦୃବଳ ହୋଇଯାଇଛି । ସେହିପରି ବାହ୍ୟ ଆକ୍ରମଣକାରୀମାନେ ଚାହୁଁଛନ୍ତି ଯେ ସେମାନେ କିପରି ଇସଲାମକୁ ତଳିତଲାନ୍ତ କରିଦେବେ । ସେମାନଙ୍କ ନିକଟରେ ମୁସଲମାନମାନେ ହେଉଛନ୍ତି କୁକୁର ଏବଂ ଘୁଷୁରୀମାନଙ୍କଠାରୁ ବି ଖରାପ ଓ ନିକୃଷ୍ଟ ପ୍ରାଣୀ । ସେମାନଙ୍କର ଉଦ୍ଦେଶ୍ୟ ହେଉଛି ଏହା କି ସେମାନେ ଇସଲାମକୁ ଧ୍ୱଂସ କରିବା ସହିତ ମୁସଲମାନମାନଙ୍କୁ ମଧ୍ୟ ନିଃଶେଷ କରିଦେବେ .....

ଏବେ ଅଲ୍ଲାହାଙ୍କ ପୁସ୍ତକ ବିନା ଏବଂ ତାହାଙ୍କ ସାହାଯ୍ୟ ସମର୍ଥନ ତଥା ସ୍ୱଷ୍ଟ ନିଦର୍ଶନ ବିନା ସେମାନଙ୍କ ସହିତ ମୁକାବିଲା କରିବା ସମ୍ଭବ ନୁହେଁ । ତେଣୁ ଏହି ଉଦ୍ଦେଶ୍ୟ ସାଧନ ପାଇଁ ଅଲ୍ଲାଃତାଲା ନିଜ ହାତରେ ଏହି ସିଲସିଲା (ଅର୍ଥାତ ଏହି ଈଶ୍ୱରୀୟ ସମ୍ପ୍ରଦାୟ) କୁ ପ୍ରତିଷ୍ଠା କରିଛନ୍ତି ।'' ***(ମଲଫୁଜାତ, ଖ-୦୩,ପୃ-୪୫୦,ଏଡ଼ିଶନ ୧୯୮୪)***

ଅତେବ ଏପରି ପରିସ୍ଥିତିରେ ଯେବେ ଆମେ ହଜରତ ମସିହ ମଉଦ ଆ ସଙ୍କୁ ମାନି ବୟତ କରିବାର କର୍ତବ୍ୟକୁ ନିର୍ବାହ କରି ପବିତ୍ର କୁରଆନର ଶିକ୍ଷା ଉପରେ ପରିଚାଳିତ ହୋଇ ନିଜର ଅବସ୍ଥାକୁ ନସୁଧାରିବା,ଏବଂ ନିଜ ଅବସ୍ଥା ଉପରେ ସର୍ବଦା ନଜର ନରଖିବା, ତା'ହେଲେ ପୁଣି ଆମେ ସେହି ଲୋକମାନଙ୍କ ମଧ୍ୟରେ ଗଣାଯାଇ ପାରିବା ନାହିଁ ଯେଉଁମାନେ ଇସଲାମର ପୁନଃ ନବୀକରଣର ଏହି ଯୁଗରେ ନିଜ ବୟତର ହକକୁ ପ୍ରଦାନ କରିବାର ଥିଲା । ଆମମାନଙ୍କୁ ହିଁ ଇସଲାମର ହଜିଯାଇଥିବା ପ୍ରତିଷ୍ଠାକୁ ପୁଣି ଫେରାଇ ଆଣିବାକୁ ପଡ଼ିବ ।

ହଜରତ ମସିହ ମଉଦ ଆ ସ ଯେଉଁ ନକ୍ସା ଟାଣିଛନ୍ତି,ତାହା ବହୁତ ଭୟଙ୍କର ନକ୍ସା ଅଟେ ଏବଂ ବାସ୍ତବିକ ସେହି ଦୃଶ୍ୟ ନଜର ଆସୁଅଛି। ଏ ଦୁନିଆକୁ ଆମେ ବତାଇଦେବା ଯେ, ତୁମେମାନେ ଇସଲାମକୁ ତଥା ମୁସଲମାନମାନଙ୍କୁ ଯେପରି ଘୃଣା କରୁଅଛ ଏବଂ ତୁମମାନଙ୍କ ନିକଟରେ ଏମାନେ ପଶୁଠାରୁ ବି ହୀନ ଅଟନ୍ତି କିନ୍ତୁ ମନେରଖ ଏହି ଲୋକମାନଙ୍କ ଶିକ୍ଷା ଉପରେ ପରିଚାଳିତ ହେବାରେ ଏ ସଂସାରର ଉନ୍ନତି ନିହିତ ରହିଛି।

ତେଣୁ ସମ୍ପୂର୍ଣ୍ଣ ଆତ୍ମବିଶ୍ୱାସ ସହିତ ଏବଂ ଅଲ୍ଲାହତାଲାଙ୍କ କୃପା ଓ ଅନୁଗ୍ରହକୁ ତାହାଙ୍କ ନିକଟରେ ନତମସ୍ତକ ହୋଇ, ତାହାଙ୍କଠାରୁ ଭିକ୍ଷା କରି ଆମକୁ ଏ ଦୁନିଆର ମାର୍ଗଦର୍ଶନ କରିବାର କାର୍ଯ୍ୟକୁ ନିର୍ବାହ କରିବାକୁ ହେବ ।

କେତେକ ଯୁବକ ପ୍ରଶ୍ନ ପଚାରୁଛନ୍ତି । ଜଣେ ଯୁବକ ପଚାରିଲେ ଯେ,ଯେଉଁ ଲୋକମାନେ ଆମର ପରିହାସ କରୁଛନ୍ତି ଆମେ କିପରି ସେମାନଙ୍କର ମୁକାବିଲା କରିପାରିବା ? ସେହି ଯୁବକଙ୍କୁ ମୁଁ ସେହି କଥା କହିଥିଲି ଯେ ନିଜ ମଧ୍ୟରେ ଆତ୍ମବିଶ୍ୱାସ ସୃଷ୍ଟି କର ଏବଂ ଏ ଦୃଢ ବିଶ୍ୱାସ ରଖ ଯେ ଆଜି ଏ ଦୁନିଆର ଉନ୍ନତି ଆମ ହାତରେ ହେବାକୁ ଅଛି । କାରଣ ଆମେ ସେହି ମସିହ ମଉଦ ଆ ସ ତଥା ଆଁହଜରତ ସ ଆ ସଙ୍କ ସଚ୍ଚା ପ୍ରେମୀଙ୍କ ଉପରେ ବିଶ୍ୱାସ ଆଣିଅଛେ,ଯାହାଙ୍କୁ ଅଲ୍ଲାଃତାଲା ଏ ଦୁନିଆକୁ ଜୀବନ ପ୍ରଦାନ କରିବା ପାଇଁ ପ୍ରେରଣ କରିଛନ୍ତି । ଯିଏ ମହାଭାଗ ସ ଅ ସ ଙ୍କ ଦ୍ୱାରା ଅଣାଯାଇଥିବା ଶିକ୍ଷାର ପ୍ରଚାର ପ୍ରସାର କରିବାକୁ ଆସିଛନ୍ତି । ଏବେ ତାହାଙ୍କ ସହିତ ଯୋଡ଼ି ହୋଇ ରହିବା ଦ୍ୱାରା ହିଁ ଆମର ଏହି ଇହକାଳ ଏବଂ ପରକାଳ ଉଭୟ ସୁଧୁରି ଯିବ । ଏ ସଂସାରବାସୀଙ୍କୁ ବତାଇ ଦିଅନ୍ତୁ ଯେ ଏହି ଦୁନଆର ଚମକ ଦମକ ଏବଂ ବିକାଶକୁ ଦେଖି ଖୁସି ହୋଇଯିବା ଉଚିତ ନୁହେଁ । ମରିବା ପରେ ଯେଉଁ ଜୀବନ ମିଳିବ ସେହି ଜୀବନ ହେଉଛି ଅନନ୍ତ ଜୀବନ । ଯଦି ଜଣେ ସେଠାକୁ ଖାଲି ହାତରେ ଯିବ ତା ସହିତ ତାକୁ ଅଲ୍ଲାଃତାଲାଙ୍କ ଅସନ୍ତୋଷକୁ ସାମ୍ନା କରିବାକୁ ବି ହେବ । ସେତେବେଳେ ସେ (ଅଲ୍ଲାହା) ତା ସହିତ କିପରି ବ୍ୟବହାର କରିବ, ସ୍ୱୟଂ ଅଲ୍ଲାଃ ନିଜେ ହିଁ ଏହା ଜାଣିଥିବେ । କିନ୍ତୁ ତା ସହିତ ଆମକୁ ସର୍ବଦା ଏକଥା ନିଜ ସମ୍ମୁଖରେ ରଖିବା ଉଚିତ ଯେ,ଯେତେବେଳେ ଆମେ ଏ ଦୁନିଆକୁ ସବିଶେଷ ତଥ୍ୟ ଦେଇ ସଚେତନ କରିବା ସେତେବେଳେ ଆମମାନଙ୍କ ନିଜର ପ୍ରତ୍ୟେକ କଥା ଏବଂ ପ୍ରତ୍ୟେକ କାର୍ଯ୍ୟ ସେହି ଶିକ୍ଷା ମୁତାବକ ହେବା ଉଚିତ । ଆମ ଉପାସନାର ସ୍ତର ଉଚ୍ଚତର ହେବା ଉଚିତ । ସେହିପରି ପ୍ରାଣୀଜଗତ ପ୍ରତି ଥିବା ଆମ କର୍ତବ୍ୟର ସ୍ତର ଉଚ୍ଚତର ହେବା ଉଚିତ । ସେ ଯାହା ବି ହେଉ ହଜରତ ମସିହ ମଉଦ ଆ ସ ପୁନର୍ବାର ଏ ସମ୍ବନ୍ଧରେ ମୁସଲମାନ ଏବଂ ଇସଲାମର ନକ୍ସାକୁ ଟାଣି କହିଛନ୍ତି ଯେ ''ବର୍ତମାନ ଇସଲାମ ଯାହାର ନାମ ଥିଲା,ସେଥିରେ ପାର୍ଥକ୍ୟ ଆସିଯାଇଛି । ସବୁ ପ୍ରକାରର ଅନୈତିକତା ଏଥିରେ ସାମିଲ ହୋଇଯାଇଛି'' ଅର୍ଥାତ ନୈତିକତାର ଉତ୍ତମ ଅବସ୍ଥା ଆଉ ନାହିଁ ''ଏବଂ ସେହି ଆନ୍ତରିକତା ଯାହା **ମୁଖଲିସିନା ଲହୁ ଦ୍ଦୀନା** ରେ ବର୍ଣ୍ଣନା କରାଯାଇଛି,ତାହା ଏବେ ଆକାଶକୁ ଉଠିଯାଇଛି । ସଚ୍ଚୋଟତା, ବିଶ୍ୱସ୍ତତା, ଆନ୍ତରିକତା, ପ୍ରେମ ଏବଂ ଈଶ୍ୱରଙ୍କ ଉପରେ ଭରସା ଶୂନ୍ୟ ହୋଇଯାଇଛି । ଏବେ ପରମେଶ୍ୱର ସେହି ଶକ୍ତିଗୁଡିକୁ ପୁନର୍ଜୀବିତ କରିବାକୁ ନିଷ୍ପତି କରିଛନ୍ତି'' ***(ମଲଫୁଜାତ, ଖ-୦୭, ପୃ-୩୫୨-୩୫୩, ଏଡ଼ିଶନ ୧୯୮୪)***

ତେଣୁ ଆମକୁ କୃତଜ୍ଞତା ଜ୍ଞାପନ କରିବା ଉଚିତ ଯେ ଇସଲାମର ଏପରି ଦୂରାବସ୍ଥାକୁ କମ୍ଭାଳିବା ପାଇଁ ଅଲ୍ଲାହତାଲାଙ୍କ ଦ୍ୱାରା ପ୍ରେରିତ ହୋଇଥିବା ଦୂତଙ୍କ ସହିତ ଆମେ ଜଡିତ ଅଛେ । ଅଣ ମୁସଲମାନ ତଥା ଇସଲାମ ବିରୋଧି ଲୋକମାନେ ଇସଲାମ ଉପରେ ଯେଉଁ ଆକ୍ରମଣ କରୁଥିଲେ,ଏବଂ ଏହି ମହାନ ଧର୍ମକୁ ନୀଚ ଦୃଷ୍ଟିରେ ଦେଖି ଘୃଣା କରୁଥିଲେ,ଏଥିପାଇଁ ମୁସଲମାନମାନେ ମଧ୍ୟ ଦାୟୀ ଥିଲେ । ଯଦି ମୁସଲମାନମାନେ ବିଗିଡି ନଥାନ୍ତେ,ତା'ହେଲେ ଶତ୍ରୁ କେବେ ବି ଏପରି ଇସଲାମ ଉପରେ ଆକ୍ରମଣ କରିବାକୁ ସାହସ କରିନଥାନ୍ତା । କିନ୍ତୁ

ଆଜି ଆମମାନଙ୍କୁ ହିଁ ଅଲ୍ଲାହତାଲାଙ୍କ ସହିତ ବିଶ୍ୱସ୍ତତାର ମାନ ପ୍ରତିଷ୍ଠା କରିବା କରିବାକୁ ପଡିବ । ଯେପରି ହଜରତ ମସିହ ମଉଦ ଆ ସ କହିଛନ୍ତି ଯେ ଆମଙ୍କୁ ହିଁ ନିଷ୍ଠା ଏବଂ ଆନ୍ତରିକତାର ସହିତ ଅଲ୍ଲାଃତାଲାଙ୍କ ଉପଦେଶାବଳୀ ଉପରେ ପରିଚାଳିତ ହେବାକୁ ପଡିବ । ଆମକୁ ହିଁ ପ୍ରତ୍ୟେକ ସ୍ଥାନରେ ଅର୍ଥାତ ସର୍ବତ୍ର ପ୍ରେମକୁ ବିସ୍ତାର କରିବାକୁ ପଡିବ ଏବଂ ଘୃଣାଭାବକୁ ଦୂର କରିବାକୁ ହେବ । ଆମକୁ ହିଁ ଖୁଦାତାଲାଙ୍କ ଉପରେ ସମ୍ପୂର୍ଣ୍ଣ ଭରସା କରିବାକୁ ହେବ । ଆମକୁ ହିଁ ଅଲ୍ଲାହତାଲାଙ୍କ ଉପରେ ପୂର୍ଣ୍ଣ ଭରସା କରିବା ଉଚିତ ଯେ ସେ ହେଉଛନ୍ତି ପ୍ରତ୍ୟେକ କାର୍ଯ୍ୟର ସୃଷ୍ଟିକର୍ତା ଓ ଇସଲାମ ହିଁ ହେଉଛି ବର୍ତମାନ ଏ ଜଗତର ପୂର୍ଣ୍ଣ ତଥା ବିଜିତ ଧର୍ମ,ଏହି କାର୍ଯ୍ୟ ପାଇଁ ଆମକୁ ନିଜର ସମସ୍ତ ଶକ୍ତି ଓ ସାମର୍ଥ୍ୟକୁ ବିନିଯୋଗ କରିବାକୁ ହେବ ଏବଂ ହଜରତ ମସିହ ମଉଦ ଅ ସ ଙ୍କ ସାହାଯ୍ୟକାରୀ ହେବାକୁ ହେବ । ଏହା ହେଉଛି ଅଲ୍ଲାଃତାଲାଙ୍କ ବିଧିର ବିଧାନ । ଯେଉଁ କାମକୁ ସେ ହଜରତ ମସିହ ମଉଦ ଆ ସଙ୍କ ଉପରେ ନ୍ୟସ୍ତ କରିଛନ୍ତି,ଏବଂ ଯେଉଁ ପ୍ରତିଶୃତିକୁ ଅଲ୍ଲାଃତାଲା ହଜରତ ମସିହ ମଉଦ ଆ ସଙ୍କ ସହିତ କରିଛନ୍ତି,ତହା ତ ଇନଶାଅଲ୍ଲାଃ ଅବଶ୍ୟ ପୂରଣ ହେବ । ଯଦି ଆମେମାନେ ସେଥିରେ ସାହାଯ୍ୟକାରୀ ଭାବରେ ଯୋଗ ଦେବା ତାହେଲେ ଅଲ୍ଲାହତାଲାଙ୍କ କୃପା ଏବଂ ଅନୁଗ୍ରହକୁ ଲଭି ପାରିବା । ଯଦି ଆମେମାନେ ଆଗକୁ ନବଢ଼ିବା ତା'ହେଲେ ଅଲ୍ଲାହତାଲା ହଜରତ ମସିହ ମଉଦ ଆ ସଙ୍କୁ ସାହାଯ୍ୟ କରିବା ପାଇଁ ଅନ୍ୟ ଲୋକମାନଙ୍କୁ ପଠାଇଦେବେ । ଯେ କୌଣସି ପ୍ରକାରେ ଏହି କାର୍ଯ୍ୟ ତ ନିଶ୍ଚିତ ହେବ । ତେଣୁ ଆମେ ଆମର ଅବସ୍ଥା ଉପରେ ନଜର ରଖିବା ଉଚିତ ଏବଂ ଯେଉଁଠାରେ ବି କିଛି ତ୍ରୁଟି ବା ଦୋଷ ଦୂର୍ବଳତା ଦେଖିବାକୁ ମିଳୁଛି ତାକୁ ଦୂର କରିବା ପାଇଁ ଚେଷ୍ଟା କରିବା ଉଚିତ ।

କେଉଁ ସବୁ ଦୁର୍ବଳତାଗୁଡିକୁ ଦୂର କରିବାକୁ ହେବ,ସେ ସମ୍ବନ୍ଧରେ ହଜରତ ମସିହ ମଉଦ ଅ ସ କହିଛନ୍ତି : ବର୍ତମାନ

ଯୁଗ ହେଉଛି ଏପରି ଯୁଗ ଯେଉଁଥିରେ କପଟପୂର୍ଣ୍ଣ ଆଚରଣ, ଲୋକଦେଖାଣିଆ ମନୋଭାବ ଏବଂ ଅଂହକାରର ଏକ ପ୍ରକାର ଭରି ରହିଛି । ନିଜକୁ ସବୁ କିଛି ଭାବିବା ତଥା ଗର୍ବ, ଅଂହକାର, ଲୋକଦେଖାଣିଆ ଭାବ ଇତ୍ୟାଦି ମନ୍ଦଗୁଣ ସବୁ ବଢିଯାଇଛି ଏବଂ **ମୁଖଲିସିନା ଲହୁଦ୍ଦୀନା** ଇତ୍ୟାଦି ଭଲ ଗୁଣଗୁଡିକ ଆକାଶକୁ ଉଠିଯାଇଛି। ***(ମଲଫୁଜାତ, ଖ-୦୬, ପୃ-୩୫୩, ହାଶିୟା, ଏଡ଼ିଶନ ୧୯୮୪)*** ଭରସା ଏବଂ ଉଦ୍ୟମ ଇତ୍ୟାଦି ସବୁ ଶେଷ ହୋଇଯାଇଛି । ଏବେ ଅଲ୍ଲାଃତାଲା ଏହା ଇଚ୍ଛା କରିଛନ୍ତି ଯେ ସେହି ସବୁ ଗୁଣ ଗୁଡ଼ିକର ବୀଜ ରୋପଣ ହେଉ।

ତେଣୁ ହଜରତ ମସିହ ମଉଦ ଅ ସ କହିଲେ ଯେ ଏହି ସମସ୍ତ ଖରାପ ଗୁଣଗୁଡିକ ତ ଏବେ ବଢିଯାଇଛି ଏବଂ ପୂଣ୍ୟକର୍ମ ସବୁ ସମାପ୍ତ ହୋଇସାରିଛି । କିନ୍ତୁ ସେହି ଅଲ୍ଲାଃ,ଯିଏ ନିଜ ଭକ୍ତଙ୍କ ଉପରେ ଦୟା କରିଥାନ୍ତି,ସେ ତା ଭକ୍ତମାନଙ୍କୁ ନଷ୍ଟ ହେବାକୁ ଦିଅନ୍ତି ନାହିଁ । ସେ ଏବେ ଏହା ସ୍ଥିର କରିଛନ୍ତି ଯେ ପୂଣ୍ୟକର୍ମ ବଢିଚାଲିବ ଏବଂ କୁକର୍ମର ପରିସମାପ୍ତି ଘଟିବ। ତେଣୁ ଆମେମାନେ ପ୍ରତ୍ୟେକ ନିଜ ନିଜର ନିରୀକ୍ଷଣ କରିନେବା ଉଚିତ ଯେ କ'ଣ ଆମେମାନେ ହଜରତ ମସିହ ମଉଦ ଆ ସଙ୍କ ଏହି ମିଶନକୁ ପୂରଣ କରିବା ପାଇଁ ଆମେ ଆମର କର୍ତବ୍ୟକୁ,ଆମର ଭୂମିକାକୁ ନିର୍ବାହ କରୁଅଛେ କି ? କ'ଣ ଆମେମାନେ ପୂଣ୍ୟକର୍ମକୁ ଆପଣେଇବା ପାଇଁ ଭରପୁର ଚେଷ୍ଟା କରୁଅଛେ କି ? କ'ଣ ଆମେମାନେ ଉପାସନାର ସ୍ତରକୁ ହାସଲ କରିବା ପାଇଁ ଭରପୁର ଚେଷ୍ଟା କରୁଅଛେ କି ?

ପୂଣ୍ୟକର୍ମ କରିବାର ସାମର୍ଥ୍ୟ ବି ପରମେଶ୍ୱରଙ୍କ କୃପାରୁ ହିଁ ମିଳିଥାଏ । ଯଦି ଆମେମାନେ ଅଲ୍ଲାଃତାଲାଙ୍କ କୃପାକୁ ପ୍ରାପ୍ତ କରିବା ପାଇଁ ଭରପୁର ଚେଷ୍ଟା କରୁନାହେଁ, ଯାହା ଉପାସନା ଦ୍ୱାରା ହିଁ ପ୍ରାପ୍ତ ହୋଇଥାଏ, ଏପରି ଉପାସନା ଯାହା କେବଳ ଅଲ୍ଲାଃତାଲାଙ୍କ ପାଇଁ ହିଁ ହେବା ଉଚିତ ନା କି ନିଜ ଇଚ୍ଛାକୁ ପୂରଣ କରିବା ପାଇଁ ତା'ହେଲେ ପୁଣି ଆମର ଏହି ଚେଷ୍ଟା ଓ ପ୍ରୟାସ ସବୁ କିଛି ବୃଥା ବା ଏହି ସବୁ କଥାକୁ ହାସଲ କରିବା ପାଇଁ କରାଯାଉଥିବା ପ୍ରୟାସ ସବୁ ବୃଥା । ତେଣୁ ବହୁତ ପୁଙ୍ଖାନୁପୁଙ୍ଖ ସମୀକ୍ଷା କରିବାର ଆବଶ୍ୟକ ରହିଛି । ବହୁ ମାତ୍ରାରେ ଇସ୍ତେଗଫାର (ଅନୁତାପ) କରିବାର ଆବଶ୍ୟକ ରହିଛି । ନିଜର କର୍ମକୁ କ୍ରମାଗତ ଭାବରେ ଅଲ୍ଲାଃତାଲାଙ୍କ ଇଚ୍ଛା ଅନୁଯାୟୀ କରିବାର ଆବଶ୍ୟକ ରହିଛି ।

ହଜରତ ମସିହ ମଉଦ ଅ ସ କହିଛନ୍ତି : "କର୍ମ ପାଇଁ ଆନ୍ତରିକତାର ସର୍ତ ରହିଛି । ଯେମିତି କି କୁହାଯାଇଛି ଯେ ମୁଖଲିସୀନା ଲହୁ ଦ୍ଦୀନା । ଏହି ଆନ୍ତରିକତା ସେହି ଲୋକମାନଙ୍କ ମଧ୍ୟରେ ରହିଥାଏ ଯେଉଁମାନେ ହେଉଛନ୍ତି ଅବଦାଲ୍ (ଅର୍ଥାତ ନିଜ ଧର୍ମ ପ୍ରତି ବିଶ୍ୱସ୍ତ)'' ପୁଣି କହିଛନ୍ତି :"...ଏକଥାକୁ ଖୁବ ମନେରଖ ଯେ ଯେଉଁ ବ୍ୟକ୍ତି ଅଲ୍ଲାଃତାଲାଙ୍କ ପାଇଁ ହୋଇଯାଏ,ଅଲ୍ଲାଃତାଲା ତା ପାଇଁ ହୋଇଯାଆନ୍ତି'' । ***(ମଲଫୁଜାତ, ଖ-୦୮, ପୃ-୩୫୪-୩୫୫, ଏଡ଼ିଶନ ୧୯୮୪)***

ଅତେବ ଏହା ହେଉଛି ସେହି ମାର୍ଗ ଯାହାକୁ ଆପଣେଇବାର ଆବଶ୍ୟକତା ରହିଛି । ଆମେ ନିଜେ ତ ଅଲ୍ଲାଃଙ୍କ ପ୍ରତି ଥିବା କର୍ତବ୍ୟକୁ ପାଳନ କରୁନାହେଁ,ଏବଂ ଏହା କହିଦେଉଛେ ଯେ ଅଲ୍ଲାଃତାଲା ଆମ ଦୁଆ (ପ୍ରର୍ଥନା)କୁ ଶୁଣୁ ନାହାନ୍ତି । କିଛି ଲୋକେ ଏହିପରି ମଧ୍ୟ ଅଭିଯୋଗ କରୁଛନ୍ତି । ତେଣୁ ନିଜ ନିଜର ସମୀକ୍ଷା କରନ୍ତୁ । ଦେଖନ୍ତୁ ଯେ କେତେ ମାତ୍ରାରେ ଆମେମାନେ ଅଲ୍ଲାଃତାଲାଙ୍କ ହକକୁ ପ୍ରଦାନ କରିଅଛୁ । ଅଲ୍ଲାଃତାଲା ବଡ ଦୟାଳୁ । ଆମର ଅନେକ ଭୂଲ ହେବା ସତ୍ୱେ ମଧ୍ୟ ସେ ଆମ ଉପରେ ନିଜର ଆଶ୍ରୀବାଦକୁ ପ୍ରଦାନ କରିଚାଲିଛି । ତେଣୁ ଆମକୁ ନଜର ରଖିବାକୁ ହେବ ଯେ ଆମେ କିପରି ଅଲ୍ଲାଃତାଲାଙ୍କ ହକକୁ ଦେବା ଏବଂ ଅଲ୍ଲାଃତାଲାଙ୍କର ସବୁଠାରୁ ବଡ ଅଧିକାର ହେଉଛି ଏହା କି ତାହାଙ୍କର ଉପାସନା କରିବା । ଯଦି ଆମେ ମସଜିଦ ନିର୍ମାଣ କରିଅଛେ ତାହେଲେ ତାହାର ହକକୁ ବି ପ୍ରଦାନ କରିବାକୁ ପଡିବ । ଏହି କାର୍ଯ୍ୟରେ ଆନ୍ତରିକତା ଓ ନିଷ୍ଠାଭାବ ଦେଖାଇ ତାହାଙ୍କ ଉପାସନା କରିବାକୁ ଆସନ୍ତୁ ।

ହଜରତ ମସିହ ମଉଦ ଆ ସ ଏଥିପ୍ରତି ଦୃଷ୍ଟି ଆକର୍ଷଣ କରାଇ କହିଛନ୍ତି ଯେ : ଅଲ୍ଲାଃତାଲା କହିଛନ୍ତି ଯେ "ମୁଁ କେବଳ ମୋ ଉପାସନା ନିମନ୍ତେ ଜିନ୍ନ ଏବଂ ମଣିଷକୁ ସୃଷ୍ଟି କରିଅଛି । ହଁ ଏହି ଉପାସନା ଏବଂ ପରମେଶ୍ୱରଙ୍କ ସମ୍ମୁଖରେ ନିରନ୍ତର ଛିଡା ହେବା ବ୍ୟକ୍ତିଗତ ପ୍ରେମ ବିନା କେବେ ବି ସମ୍ଭବ ନୁହେଁ । ଏଠାରେ ପ୍ରେମର ଅର୍ଥ ଏକତରଫା ପ୍ରେମ ନୁହେଁ । ବରଂ ଏହାର ଅର୍ଥ ହେଉଛି ସୃଷ୍ଟିକର୍ତା ଏବଂ ପ୍ରାଣୀଜଗତ ଉଭୟଙ୍କ ପ୍ରେମ ଯାହା ବିଜୁଳିର ନିଆଁ ପରି, ମରିଥିବା ଲୋକ ଉପରେ ପଡିଥାଏ ଏବଂ ତାହା ସେ ସମୟରେ ମଣିଷ ଭିତରୁ ବାହାରି ମାନବିକ ଦୃବଳତାକୁ ଜଳାଇ ଦେଇଥାଏ ଏବଂ ଉଭୟ ଏକତ୍ର ମିଶି ସମସ୍ତ ଆଧ୍ୟାତ୍ମିକ ଉସ୍ତିତ୍ୱ ଉପରେ କବ୍ଜା କରିନେଇଥାନ୍ତି ''। ***(ଜମିମାଃ ବରାହିନେ ଅହେମଦୀୟାଃ ଭାଗ ୦୫, ରୁହାନୀ ଖଜାଇନ, ଖ-୨୧, ପୃ-୨୧୭-୨୧୮)***

ଅତେବ ନିରନ୍ତର ପ୍ରାର୍ଥନା, ନିରନ୍ତର ଧ୍ୟାନ ସହିତ ନିଜ ନମାଜର ସୁରକ୍ଷା କରିବା ଉଚିତ ଏବଂ ଏହା ସେତେବେଳେ ହେବ ଯେବେ ଅଲ୍ଲାଃତାଲାଙ୍କ ସହିତ ପ୍ରେମ ଥିବ । ଏପରି ବ୍ୟକ୍ତିଗତ ପ୍ରେମ ହେବା ଦରକାର ଯାହା ଅନ୍ୟ କାହା ପାଇଁ କରାଯାଇ ନଥିବ । ତେବେ ଯାଇ ଅଲ୍ଲାଃତାଲାଙ୍କ ପ୍ରେମ ଏବଂ ମଣିଷର ଅଲ୍ଲାଃଙ୍କ ପ୍ରତି ଥିବା ପ୍ରେମ, ଭକ୍ତର ଅଲ୍ଲାଃତାଲାଙ୍କ ସହିତ ପ୍ରେମ ଏପରି ଫଳାଫଳ ବାହାର କରିଥାଏ ଯାହା ଏକ ପ୍ରକାରର ବିପ୍ଳବ ସୃଷ୍ଟି କରିଦେଇଥାଏ ।

ଅତେବ ଯେଉଁମାନେ ଅଳ୍ପ ଦୁଆ କରି ଥକି ଯାଇଥାନ୍ତି କିମ୍ବା ଯେଉଁମାନେ ଦୁଆର ଫଲସଫା (ଦର୍ଶନ)କୁ ଜାଣିବାକୁ ଚାହୁଁଛନ୍ତି,ଯେଉଁମାନେ ଅଲ୍ଲାଃତାଲାଙ୍କ ସହିତ ସମ୍ପର୍କ ସ୍ଥାପନ କରିବାକୁ ଚାହୁଁଛନ୍ତି,ସେମାନଙ୍କୁ ଏହି ପ୍ରସଙ୍ଗରେ ବିଚାର କରିବା ଉଚିତ ।

କେବଳ ଆବଶ୍ୟକ ପଡିଲେ କିଛି ମାଗିବା ପାଇଁ ଅଲ୍ଲାଃତାଲାଙ୍କ ଦ୍ୱାରକୁ ଯାଅ ନାହିଁ । ବରଂ ଅଲ୍ଲାଃତାଲାଙ୍କ ସହିତ ଏକ ନିଜସ୍ୱ ବ୍ୟକ୍ତଗତ ପ୍ରେମ ସୃଷ୍ଟି କରନ୍ତୁ । ପୁଣି ଦେଖିବେ ଅଲ୍ଲାଃତାଲା ମଣିଷ ସହିତ କିପରି ପ୍ରେମ କରୁଛନ୍ତି । ଏଥି ସକାଶେ ଏହା ଜରୁରୀ ଅଟେ ଯେ ଅଲ୍ଲାଃତାଲା ଏବଂ ତାହାଙ୍କ ରସୁଲଙ୍କର ପୂର୍ଣ୍ଣ ଆଜ୍ଞାବହତା ସ୍ୱୀକାର କରିବାକୁ ହେବ । ଅଲ୍ଲାଃଙ୍କ ରସୁଲଙ୍କୁ ବି ଭଲ ପାଇବା ଅତ୍ୟନ୍ତ ଜରୁରୀ ଏବଂ ପ୍ରେମପୂର୍ଣ୍ଣ ଆବେଗ ସହିତ ତାଙ୍କର ଆଜ୍ଞା ପାଳନ କରିବା ଉଚିତ । ତାପରେ ପୁଣି ଅଲ୍ଲାଃତାଲାଙ୍କ ପ୍ରେମ ପରିପ୍ରକାଶ ହୋଇଥାଏ। ଯେବେ ଏହି ଦୁଇଟି ପ୍ରେମ ପରସ୍ପର ସହିତ ମିଶି ଯାଇଥାଏ,ଯେମିତି କି କହିଛନ୍ତି ଯେ, ସେତେବେଳେ ପୁଣି ଅଲ୍ଲାଃତାଲାଙ୍କ କୃପା ଓ ତାହାଙ୍କ ଆଶୀଷର ବର୍ଷା ବରଷିବାକୁ ଲାଗିଥାଏ ଏବଂ ତାହା ମଣିଷର ଚିନ୍ତାଠାରୁ ଉର୍ଦ୍ଧ୍ୱରେ ।

ପୁଣି ହଜରତ ମସିହ ମଉଦ ଆ ସ କହିଛନ୍ତି: "ଯେହେତୁ ମଣିଷ ପ୍ରାକୃତିକ ରୂପେ ସ୍ୱଭାବତଃ ଅଲ୍ଲାଃତାଲାଙ୍କ ପାଇଁ ହିଁ ସୃଷ୍ଟି ହୋଇଛି । ଯେମିତି ଅଲ୍ଲାଃତାଲା କହିଛନ୍ତି ଯେ **ଓ୍ୱମା ଖଲକତୁଲ୍ ଜିନ୍ନା ଓ୍ୱଲ ଇନ୍‌ସା ଇଲ୍ଲା ଲିୟାବୁଦୁନା** । ତେଣୁ ଅଲ୍ଲାଃତାଲା ମଣିଷର ପ୍ରକୃତିରେ ହିଁ ନିଜ ପାଇଁ କିଛି ନା କିଛି ସଂରକ୍ଷିତ ରଖି ଦେଇଛନ୍ତି ଏବଂ ଅତ୍ୟନ୍ତ ସୂକ୍ଷ୍ମାତି ସୂକ୍ଷ୍ମ ସାଧନ ଜରିଆରେ ତାକୁ ସେ ନିଜ ପାଇଁ ହିଁ ସୃଷ୍ଟି କରିଛି । ଏଥିରୁ ଜଣାପଡୁଛି ଯେ ଅଲ୍ଲାଃତାଲା ମଣିଷ ଜନ୍ମର ଅସଲ ଉଦ୍ଦେଶ୍ୟ ଏହା ରଖିଛି ଯେ ମଣିଷ ଅଲ୍ଲାଃତାଲାଙ୍କର ଉପାସନା କରୁ । କିନ୍ତୁ ଯେଉଁ ଲୋକମାନେ ଜୀବନର ଏହି ଅସଲ ତଥା ପ୍ରକୃତ ଉଦ୍ଦେଶ୍ୟକୁ ଛାଡି ପଶୁମାନଙ୍କ ପରି କେବଳ ଖାଇବା, ପିଇବା ଏବଂ ଶୋଇବାରେ ହିଁ ଅତିବାହିତ କରୁଛନ୍ତି, ସେମାନେ ଅଲ୍ଲାଃତାଲାଙ୍କ ଠାରୁ ଦୂରେଇ ଯାଆନ୍ତି ଏବଂ ସେମାନଙ୍କ ପ୍ରତି ଅଲ୍ଲାଃତାଲାଙ୍କର କୌଣସି ଦାୟିତ୍ୱ ନଥାଏ । ଯେଉଁ ଜୀବନର ଦାୟିତ୍ୱ ନିଆଯାଇଥାଏ,ତାହା ହେଉଛି **ଓ୍ୱମା ଖଲକତୁଲ୍ ଜିନ୍ନା ଓ୍ୱଲ ଇନ୍‌ସା ଇଲ୍ଲା ଲିୟାବୁଦୁନ** ଉପରେ ବିଶ୍ୱାସ ଆଣି ଜୀବନର ଦିଗ ପରିବର୍ତନ କରିବା ।''ଅର୍ଥାତ ସମ୍ପୂର୍ଣ୍ଣ ରୂପେ ତାହା ଉପରେ ପ୍ରତିବଦ୍ଧ ହେବା ଉଚିତ ଯେ ସେ ଉପାସନାକୁ ନିଜର ଲକ୍ଷ୍ୟ ଓ ଉଦ୍ଦେଶ୍ୟ କରିଦେଉ । ପୁଣି କହିଲେ : "ମୃତ୍ୟୁର କିଛି ବି ବିଶ୍ୱାସ ନାହିଁ .... ତୁମେ ଏକଥାକୁ ଭଲଭାବରେ ବୁଝିନିଅ ଯେ ତୁମକୁ ସୃଷ୍ଟି କରିବାରେ ଅଲ୍ଲାଃତାଲାଙ୍କର ଉଦ୍ଦେଶ୍ୟ ହେଉଛି ଏହା କି ତୁମେ ତାହାଙ୍କର ଉପାସନା କର ଏବଂ ତୁମେ ତାହାଙ୍କ ପାଇଁ ହୋଇଯାଅ । ଏ ଦୁନିଆ ତୁମର ଲକ୍ଷ୍ୟ ଏବଂ ଉଦ୍ଦେଶ୍ୟ ହେବା ଉଚିତ ନୁହେଁ ।''

ପୁଣି କହିଲେ "ମୁଁ ଏଥି ସକାଶେ ବାରମ୍ୱାର ଏକଥାକୁ କହୁଛି ଯେ ମୋ ନିକଟରେ ଏହା ହେଉଛି ଏକମାତ୍ର ବିଷୟ ଯେଉଁଥିପାଇଁ ମଣିଷ ଆସିଛି,କିନ୍ତୁ ଏହି କଥାରୁ ସେ ଦୂରେଇ ଯାଇଛି ମୁଁ ଏହା କହୁନାହିଁ ଯେ ତୁମେମାନେ ଏ ଦୁନିଆର କାରବାରକୁ ଛାଡିଦିଅ ଏବଂ ସ୍ତ୍ରୀ ପିଲାଙ୍କଠାରୁ ଅଲଗା ହୋଇ କୌଣସି ଜଙ୍ଗଲ ବା ପାହାଡରେ ଯାଇ ରୁହ ବୋଲି । ଇସଲାମ ଏହାର ଅନୁମତି ଦିଏନାହିଁ ''ତୁମେମାନେ ଏ ସଂସାରରେ ସାଂସାରିକ କାରବାର ବି କର,ସ୍ତ୍ରୀ ଓ ପିଲାମାନଙ୍କ ପ୍ରତି ଥିବା କର୍ତବ୍ୟକୁ ମଧ୍ୟ ନିର୍ବାହ କର । ଏହା ହେଉଛି ଇସଲାମର ଶିକ୍ଷା । ରହବାନିୟତ ଇସଲାମର ଉଦ୍ଦେଶ୍ୟ ନୁହେଁ । (ଅର୍ଥାତ ସଂସାରିକ ଜୀବନକୁ ପରିତ୍ୟାଗ କରି ବିବାହ ନ ହୋଇ ଏକାକୀ ଜୀବନଯାପନ କରିବା ପାଇଁ ଇସଲାମ ଶିକ୍ଷା ଦେଇନାହିଁ)। ଇସଲାମ୍ ମଣିଷକୁ କର୍ମଠ,ସ୍ମାର୍ଟ ଏବଂ ପରିଶ୍ରମୀ କରିବାକୁ ଚାହିଁଥାଏ । ତେଣୁ ମୁଁ ଏହା କହୁଅଛି ଯେ ତୁମେ ନିଜର କାରବାରକୁ ବହୁତ ପରିଶ୍ରମ କରି କର । ହଦିସରେ ଆସୁଛି ଯେ ଯଦି ଜଣକ ନିକଟରେ ଜମି ଅଛି ଓ ସେ ତାହାର ଯତ୍ନ ନେଉନାହିଁ ତା'ହେଲେ ସେହି ଲୋକକୁ ମଧ୍ୟ ପଚରା ଯିବ । ଅତଃ ଯଦି କୌଣସି ବ୍ୟକ୍ତି ଏକଥାରୁ ଏହା ଭାବେ ଯେ ଏ ସାଂସାରିକ କାରବାରରୁ ଅଲଗା ହୋଇ ରହିବ ବୋଲି ତାହେଲେ ସେ ଭୂଲ କରୁଛି । ଏପରି ନୁହେଁ । ଅସଲ କଥା ହେଉଛି ଏହା କି ଯାହା କିଛି କାରବାର ତୁମେମାନେ କରୁଅଛ,ଦେଖିନିଅ ଯେ ସେଥିରେ ଅଲ୍ଲାଃତାଲାଙ୍କ ସନ୍ତୁଷ୍ଟତା ନିହିତ ରହିଥିବ (ଅର୍ଥାତ ତାହାଙ୍କ ଇଚ୍ଛାନୁରୂପ ହୋଇଥିବ) ଏବଂ ତାହାଙ୍କ ଇଚ୍ଛା ବହିର୍ଭୂତ ହୋଇ ତୁମ ନିଜର ଇଚ୍ଛା ବା ଆବେଗକୁ ପ୍ରଥମେ ରଖୁନଥିବ ।'' ***(ମଲଫୁଜାତ, ଖ-୦୧, ପୃ-୧୮୧-୧୮୪, ଏଡ଼ିଶନ ୧୯୮୪)***

ଅତଃ ବହୁତ ଚିନ୍ତା ଏବଂ ଧ୍ୟାନ ଦେବାର ଆବଶ୍ୟକତା ରହିଛି । ଏବେ ଦେଖନ୍ତୁ ସେ ବହୁତ ବେଦନା ସହିତ କହୁଛନ୍ତି ଯେ ମୁଁ ବାରମ୍ୱାର ଏଥିପ୍ରତି ଧ୍ୟାନ ଆକର୍ଷଣ କରୁଅଛି । ଏହି କଥାକୁ ଭୂଲିଯାଅନାହିଁ ଯେ ତୁମ ଜୀବନର ଉଦ୍ଦେଶ୍ୟ କଣ ? ଯଦି ଆମେ ହଜରତ ମସିହ ମଉଦ ଆ ସ ଦିକ୍ଷା ନେବାର ଦାବି କରି ନିଜ ଜୀବନର ଉଦ୍ଦେଶ୍ୟକୁ ଭୁଲିଯାଉଛନ୍ତି, ତାହେଲେ ତୁମର ବୟତ କରିବା ବ୍ୟର୍ଥ ଏବଂ ଆମର ବାକ୍ୟଗୁଡ଼ିକ ବି ଫମ୍ପା । ତେଣୁ ପ୍ରତ୍ୟେକ ଅହେମଦୀଙ୍କୁ ବହୁତ ଚିନ୍ତା ବିଚାର କରିବା ଉଚିତ,ଚିନ୍ତା କରନ୍ତୁ ,ନିଜର ସମୀକ୍ଷା କରନ୍ତୁ ଏବଂ ଦେଖନ୍ତୁ ଯେ ସାରା ଦିନ ମୁଁ କେତେ ମିନିଟ ଅଲ୍ଲାଃତାଲାଙ୍କ ଉପାସନା ପାଇଁ ଉତ୍ସର୍ଗ କରୁଅଛି ? କ'ଣ କିଛି ମିନିଟ ହିଁ ଉପାସନା କରି, ପୁଣି ତାହାକୁ କିଛିଟା ବୁଝି ବା ନବୁଝି ଆମେ ଆମ ଜୀବନର ଉଦ୍ଦେଶ୍ୟକୁ ପାଇ ପାରିବା !

ଅଲ୍ଲାଃତାଲା ଆମକୁ ସାଂସାରିକ କାର୍ଯ୍ୟ କରିବାକୁ ମନା କରିନାହାନ୍ତି ବରଂ ସେ ଜଣେ ପ୍ରକୃତ ବିଶ୍ୱାସକାରୀଙ୍କଠାରୁ ନିଜର କାମରେ, ନିଜ କାରବାରରେ,ନିଜ ବେପାର ବାଣିଜ୍ୟରେ ଏବଂ ନିଜ ଜମିଦାରୀ କାର୍ଯ୍ୟରେ ଉଚ୍ଚ ସ୍ତରରେ ପହଂଚିବାର ଆଶା ରଖିଛି ।

କିନ୍ତୁ ତତସହିତ ସେ କୁହନ୍ତି ଯେ ଏହି ସଂସାରିକ କାର୍ଯ୍ୟ ସହିତ ନିଜ ଜନ୍ମର (ନିଜ ଜୀବନର) ଉଦ୍ଦେଶ୍ୟକୁ ଭୂଲିବା ଉଚିତ ନୁହେଁ । ନିଜ ନମାଜଗୁଡ଼ିକୁ ସୁରକ୍ଷା କରନ୍ତୁ । ଯଦି ତୁମେମାନେ ଗୋଟିଏ ମସଜିଦ ନିର୍ମାଣ କରିଛ,ତାହାର ବାହ୍ୟ ସୌନ୍ଦର୍ଯ୍ୟ ଉପରେ ଗର୍ବ କରନାହିଁ ବରଂ ତାହାର ଅସଲ ସୌନ୍ଦର୍ଯ୍ୟ ପ୍ରକୃତ ଉପାସନାକାରୀଙ୍କ ମାଧ୍ୟମରେ ହିଁ ସୃଷ୍ଟି ହୋଇଥାଏ । ତେଣୁ ତାହାର ଯତ୍ନ ନିଅ । ତକୱା ଅର୍ଥାତ ଧର୍ମପରାୟଣତା ଗ୍ରହଣ କର ଏବଂ ଏହି ତକୱାର ମାନକୁ ହାସଲ କରିବା ପାଇଁ ଚେଷ୍ଟା କର । ଯେତେବେଳେ ଏହା ହେବ ସେତେବେଳେ ତୁମେ ପ୍ରକୃତ ଉପାସନାକାରୀ ବୋଲାଇବ । ପୁଣି ଅଲ୍ଲାଃତାଲା କହିଛନ୍ତି ଯେ ପ୍ରକୃତ  ଉପାସନାକାରୀଙ୍କ କାର୍ଯ୍ୟ ହେଉଛି ଏହା କି ସେ ନିଜର ବାହ୍ୟ ତଥା ଆଭ୍ୟନ୍ତରୀଣ, ଉଭୟର ପରିସ୍କାର ଓ ପରିଚ୍ଛନତ୍ନତାକୁ ବୁଜାୟ  ରଖିବ । ସେଥି ସକାଶେ ନମାଜ ପାଠ କରୁଥିବା ଲୋକମାନଙ୍କୁ ଏହି ସାଧାରଣ ଆଦେଶ ଦିଆଯାଇଛି ଯେ ନିଜ ପୋଷାକକୁ ମଧ୍ୟ ସଫା ସୁତୁରା କରି ପିନ୍ଧନ୍ତୁ ଏବଂ ପ୍ରତ୍ୟେକ ନମାଜ ପୂର୍ବରୁ ଓ୍ୱଜୁ କରନ୍ତୁ । କାରଣ ବାହ୍ୟ ପରିଷ୍କାରତା ମଧ୍ୟ ବ୍ୟକ୍ତିର ଭିତର ଉପରେ ପ୍ରଭାବ ପକାଇଥାଏ । ପୁଣି ଓ୍ୱଜୁ କରିବା ଦ୍ୱାରା ମଣିଷ ଏମିତି ବି ସତେଜତା ଅନୁଭବ କରିଥାଏ  ଫଳତଃ ନମାଜ ପ୍ରତି ସଠିକ ଧ୍ୟାନ ଆକର୍ଷିତ ବି ହୋଇଥାଏ ।

ପୁଣି ନମାଜ ପଢିବା ଆଦେଶ ସହିତ ଆଉ ଏକ ଆଦେଶ ମଧ୍ୟ ରହିଛି ଯେ ଖାଅ ପିଅ କିନ୍ତୁ ଅତ୍ୟଧିକ ଖର୍ଚ୍ଚ କରନାହିଁ (ବା ଅତ୍ୟଧିକ ମାତ୍ରାରେ ଖାଇବା ପିଇବାରେ ସମୟ ବ୍ୟର୍ଥ କରନାହିଁ) । ଏହାର ସାଧାରଣତଃ ଅର୍ଥ ଏହା କରାଯାଇଥାଏ ଯେ ସନ୍ତୁଳିତ ଖାଦ୍ୟ ଖାଇବା ଉଚିତ,ଯଦ୍ୱାରା ଜଣେ ବିଶ୍ୱାସକାରୀ ଖାଇବା ପିଇବାରେ ଅତ୍ୟଧିକତାକୁ ଅବଲମ୍ବନ କରିନଥାଏ,ଏବଂ ଏହି ଅତ୍ୟଧିକତା ନକରିବା ଯୋଗୁଁ ତାହାର ସ୍ୱାସ୍ଥ୍ୟ ମଧ୍ୟ ଠିକ ରହିଥାଏ ଏବଂ ସେ ସଠିକ ଭାବରେ ଉପାସନା  ମଧ୍ୟ କରିବାକୁ ସମର୍ଥ ହୋଇଥାଏ । ଏହାର ଦ୍ୱିତୀୟ ଅର୍ଥ ହେଉଛି ଏହା କି ପ୍ରକୃତ ମୋମିନ (ବିଶ୍ୱାସକାରୀ)ର ଜୀବନର ଉଦ୍ଦେଶ୍ୟ କେବଳ ଖାଇବା ପିଇବା ଏବଂ ଶୋଇବା ନୁହେଁ । ଯେମିତି କି ଅଲ୍ଲାଃତାଲା  କହିଛନ୍ତି ଯେ ଏହି ସବୁ ଗୁଣର ଅଧିକାରୀ ହେଉଛନ୍ତି ପଶୁମାନେ । (ଅର୍ଥାତ ଖାଇବା,ପିଇବା ଏବଂ ଶୋଇବା) । ଏବେ ମୁଁ ହଜରତ ମସିହ ମଉଦ ଅ ସଙ୍କ ଆଲେଖ୍ୟକୁ ପଢି ଶୁଣାଇଲି । ଏଥିରେ ବି ଆପଣ ଆ ସ ବ୍ୟାଖ୍ୟା କରିଛନ୍ତି ଯେ ଏହା ସବୁ ହେଉଛି ପଶୁମାନଙ୍କର କାମ । ଯଦି ଏହା ଆଗକୁ ଦେଖାଯିବ ଏଥିରୁ ଏହାର ଅର୍ଥ ଏପରି ବାହାରିବ ଯେ କେବଳ ସାଂସାରିକ ଜିନିଷ ଏବଂ ଇଚ୍ଛାକୁ ଅନୁସରଣ କରିବା ଉଚିତ ନୁହେଁ ବରଂ ନିଜ ଜନ୍ମର ଉଦ୍ଦେଶ୍ୟକୁ ଚିହ୍ନିବା ଉଚିତ । ଜଣେ ପ୍ରକୃତ ମୋମିନ ଅବଶ୍ୟ ସାଂସାରିକ କାର୍ଯ୍ୟ କରିଥାଏ କିନ୍ତୁ ସେଥିରେ ଏତେ ମାତ୍ରାରେ ଲିପ୍ତ ନରହୁ ଯେ ସେ ଏଥିରେ ବୁଡ଼ି ନିଜର ହିତାହିତ ଜ୍ଞାନକୁ ହରାଇ ଦେଉ ଏବଂ ନମାଜ ପାଠ କରିବାର ସମୟକୁ ବି ଭୂଲିଯାଉ ଯେ ଏବେ ମତେ ନମାଜ ପଢିବାକୁ ହେବ । ବରଂ ନମାଜ ସମୟରେ ଏକଥା ତୁରନ୍ତ ଭାବିବା ଉଚିତ ଯେ ଏବେ ମୋ ସାଂସାରିକ କାମ ଶେଷ ତେଣୁ ଅଲ୍ଲାଃତାଲାଙ୍କ ନିକଟରେ ମତେ ହାଜିର ହେବାକୁ ପଡିବ । ଅତେବ ଯେଉଁଭଳି ନମାଜ ପଢିବା ପାଇଁ ନିର୍ଦ୍ଦେଶ ଦିଆଯାଇଅଛି,ସେହି ଭଳି ନମାଜ ପଢିବାକୁ ହେବ । ଏପରି ନହେଉ କି ଶୀଘ୍ର ଶୀଘ୍ର ନମାଜ ପଢିନେବା ବରଂ ଏହାକୁ ସଠିକ ଭାବରେ ଧିରେ ଧିରେ ପାଠ କରିବା ଉଚିତ । ନିଜର ବାହ୍ୟ ପରିଷ୍କାର ପରିଚ୍ଛନ୍ନତା ଏବଂ ବାହ୍ୟ ଶୋଭା ସହିତ ନିଜର ହୃଦୟକୁ ମଧ୍ୟ ତକୱା (ଅର୍ଥାତ ଧର୍ମପରାୟଣତା)ର ସୌନ୍ଦର୍ଯ୍ୟରେ ବିମଣ୍ଡିତ କରିବା ଉଚିତ ।

ପୁଣି ଅଲ୍ଲାଃତାଲା କହିଛନ୍ତି ଯେ ଅବଶ୍ୟ ତୁମକୁ ଖାଇବା ପିଇବା ପାଇଁ ଅନୁମତି ରହିଛି,ପ୍ରତ୍ୟେକ ପ୍ରକାରର ପବିତ୍ର (ଶୁଦ୍ଧ) ଓ ଭଲ ଜିନିଷ ତୁମମାନଙ୍କ ପାଇଁ ସୃଷ୍ଟି କରାଯାଇଅଛି ଏବଂ ଏହାସବୁ ତୁମାମାନଙ୍କ ପାଇଁ ବୈଧ । ତୁମମାନଙ୍କୁ କାରବାର କରିବା ପାଇଁ ତଥା ସାଂସାରିକ କାମ କରିବାକୁ ଅନୁମତି ଦିଆଯାଇଅଛି । କିନ୍ତୁ ଯଦି ଏହା ସବୁ ତୁମକୁ ଅଲ୍ଲାଃଙ୍କ ଉ୍ପାସନା କରିବାରୁ ନିବୃତ ରଖେ,ମସଜିଦ ଯିବା ପାଇଁ ଏବଂ ଉପାସନା କରିବା ପାଇଁ ଭୂଲାଇ ଦିଏ,ତା'ହେଲେ ଏହା ସବୁ ଇସରାଫ (ଅର୍ଥାତ ଅଯଥା କାମ ହେବ ବା ସାଂସାରିକ କାମରେ ଅତ୍ୟଧିକ ସମୟ ବ୍ୟତୀତ କରି,ସେଥିରେ ଲିପ୍ତ ରହିବାର ବୃଥା କାମ) ହେବ । ଅଲ୍ଲାଃତାଲାଙ୍କୁ ଏହି ଇସ୍ରାଫ ପସନ୍ଦ ନାହିଁ । ଲୋକମାନେ କୁହନ୍ତି ଯେ ଏହା କି କଥା ଯେ ପାଂଚ ବେଳା ନମାଜ ପଢିବା ପାଇଁ ଧାର୍ଯ୍ୟ କରାଯାଇଛି । ଆଜିର ସମୟରେ ଏହା ଅତ୍ୟନ୍ତ କଷ୍ଟକର ବ୍ୟାପାର । ମଣିଷ କାମରୁ କେତେବେଳେ ଫୁରସତ ପାଇବ ଯେ ପାଂଚ ବେଳା ନମାଜ ପାଠ କରିବ । କିନ୍ତୁ  ଅଲ୍ଲାଃତାଲା କହିଛନ୍ତି ଯେ ଏହା ତ କୌଣସି କଷ୍ଟକର କାମ ନୁହେଁ । ବରଂ ତୁମମାନଙ୍କୁ କେବଳ ଏ ସାଂସାରିକ କାର୍ଯ୍ୟର ଚିନ୍ତାରେ ରହିବା ଏବଂ ଅଲ୍ଲାଃତାଲାଙ୍କୁ ଭୂଲିଯିବା ହେଉଛି ଇସରାଫ୍ ଅର୍ଥାତ ଅତ୍ୟଧିକତା । ପୁଣି ଏହି ଇସରାଫ୍ ଧିରେ ଧିରେ ତୁମକୁ ଅଲ୍ଲାଃତାଲାଙ୍କଠାରୁ ଦୂରେଇ ନେବ । ଯେତେବେଳେ ଅଲ୍ଲାଃତାଲାଙ୍କ ଅସନ୍ତୋଷ ମଣିଷ ଉପରେ ପ୍ରକାଶ ପାଏ,ସେତେବେଳେ ମଣିଷର ଆଉ କିଛି ରହେନାହିଁ । କହିବକୁ ତ ଅବଶ୍ୟ ସେ କହିପାରିବ ଯେ ମୁଁ ହେଉଛି ଜଣେ ମୁସଲମାନ, ମୁଁ ଜଣେ ଅହେମଦୀ ଏବଂ ମୁଁ ଆଁହଜରତ ସ ଆ ସଙ୍କ ଆଦେଶାବଳୀ ମୁତାବକ ଏ ଯୁଗର ଇମାମଙ୍କ ବୟତ କରିଛି କିନ୍ତୁ ତାର କର୍ମ ତାକୁ ଅଲ୍ଲାଃତାଲାଙ୍କ ଅସନ୍ତୋଷର କାରଣ ସାବ୍ୟସ୍ତ କରିଥାଏ । ତେଣୁ ଅଲ୍ଲାଃତାଲା ବହୁତ ବଡ ସନ୍ତୁଳିତ ଶିକ୍ଷା ଦେଇଛନ୍ତି ଯେ ତୁମେ ଏ ସଂସାରରେ ରୋଜଗାର ବି କର କିନ୍ତୁ ଧର୍ମକୁ ସର୍ବଦା ସମ୍ମୁଖରେ ରଖ,ଏଥିରେ କୌଣସି ପ୍ରକାରର ଇସରାଫ୍ କରନାହିଁ । (ଅର୍ଥାତ ସେହି ସାଂସାରିକ କାର୍ଯ୍ୟରେ ଅତ୍ୟଧିକ ବ୍ୟସ୍ତ ରୁହ ନାହିଁ) । ପ୍ରକୃତ ମୋମିନ (ବିଶ୍ୱାସକାରୀ) ହେଉଛି ସେ ଯିଏ ଧର୍ମକୁ ସଂସାରିକତା ଉପରେ ଅଗ୍ରାଧିକାର ଦେଇଥାଏ । ତା ପରେ ଅଲ୍ଲାଃତାଲା ତା ପାଇଁ ରୋଜଗାରର ନୂଆ ନୂଆ ରାସ୍ତା ଖୋଲି ଦେଇଥାନ୍ତି ଏବଂ ତା କାମରେ ବରକତ (ଆଶୀଷ) ମଧ୍ୟ ରଖିଦିଅନ୍ତି । ଅତଏବ, ଯିଏ ଅଲ୍ଲାଃତାଲାଙ୍କ ଆଦେଶକୁ ପାଳନ କରେ ଏବଂ ନିଜ ଜୀବନକୁ ଅଲ୍ଲାଃତାଲାଙ୍କ ଆଦେଶ ଅନୁଯାୟୀ ପରିଚାଳିତ କରେ,ନିଜ ଉପାସନାର ସ୍ତରକୁ ପ୍ରାପ୍ତ କରିବା ପାଇଁ ଚେଷ୍ଟା କରେ,ତାକୁ ଅଲ୍ଲାଃତାଲାଙ୍କ କୃପାରୁ ଏ ସାଂସାରିକ ଆବଶ୍ୟକତା ସବୁ ମିଳିଯାଏ । ହଁ,ଏ ସାଂସାରିକ ଲୋଭ ଦିନକୁ ଦିନ ବଢିଚାଲିଛି । ଯଦି ଏହା ବଢିଚାଲିବ, ତାହେଲେ ଏହା ହେଉଛି ଏପରି ନିଆଁ ଯାହା କେବେ ବି ଲିଭେ ନାହିଁ । କିନ୍ତୁ ଯଦି ମଣିଷ ଧର୍ମ ଉପରେ ପ୍ରତିଷ୍ଠିତ ରହିବ,ତେବେ ଏହି ସାଂସାରିକ ଇଚ୍ଛାର ନିଆଁ ସବୁବେଳେ ପାଇଁ ରହିବ ନାହିଁ । ନଚେତ ଏହି ନିଆଁ ହେଉଛି ଏପରି ନିଆଁ ଯାହା କେବେ ବି ଲିଭିବ ନାହିଁ ଏବଂ ମଣିଷ ଏଥିରେ ଭଷ୍ମ ହୋଇ ରହିଯାଏ । ପୁଣି ପରକାଳରେ ବି କିଛି ମିଳେ ନାହିଁ । ସେହି ପରକାଳ ହେଉଛି ପ୍ରକୃତ ଜୀବନ ।

ହଜରତ ମୁହମ୍ମଦ ମୁସ୍ତଫା ସ ଆ ସ କହିଛନ୍ତି : ଯେଉଁ ଲୋକମାନେ ଅଲ୍ଲାଃଙ୍କ ମସଜିଦକୁ ଆବାଦ କରିଥାନ୍ତି,ସେହି ଲୋକମାନେ ହିଁ ବାସ୍ତବରେ ପରକାଳ ଉପରେ ହିଁ ବିଶ୍ୱାସ ରଖିଛନ୍ତି । ତେଣୁ ଆମେ ସେହି ବିଶ୍ୱାସକାରୀମାନଙ୍କ ମଧ୍ୟରେ ରହିବା ଉଚିତ  ଯେଉଁମାନେ ମସଜିଦକୁ ଆବାଦ କରିଥାନ୍ତି, ଏବଂ ମସଜିଦକୁ ଆବାଦ କରୁଥିବା ଲୋକମାନଙ୍କର ଲକ୍ଷଣ ହେଉଛି ଏହା କି ସେମାନେ ଗୋଟିଏ ନମାଜରୁ ଅନ୍ୟ ଏକ ନମାଜକୁ ଅପେକ୍ଷା କରିଥାନ୍ତି । (ଅର୍ଥାତ ଗୋଟିଏ ନମାଜ ଶେଷ ହେବା ପରେ ତା ପର ନମାଜକୁ ଅପେକ୍ଷା କରି ରହିଥାନ୍ତି) ।(ସୁନନେ ତିରିମିଜି, ଅବଓ୍ୱାବୁଲ ଜୋହଦ,ବାବ ମା ଜାଆ ଫିଲ ହୁବବେ ଫିଲ୍ଲାଃ,ହଦିସ ନଂ-୨୩୯୧,ଅବଓ୍ୱାବୁଲ ଇମାନ୍ ବାବ ମା ଜାଆ ଫି ହୁରମତିସ ସଲାତ,ହଦିସ ନଂ-୨୬୧୭)

ଅର୍ଥାତ କେତେବେଳେ ନମାଜର ସମୟ ହେବ ଆଉ ନମାଜ ପାଠ କରିବାକୁ ଯିବା । ଅତଏବ ଏହା ହେଉଛି ମସଜିଦ ନିର୍ମାଣ କରିବାର ଉଦ୍ଦେଶ୍ୟ ଯେ ମସଜିଦକୁ ଆବାଦ କରିବା ଏବଂ କିପରି ଆବାଦ କରିବା । ଅତଃ ବର୍ତମାନ ଏହି ମସଜିଦ ନିର୍ମାଣ କରିବା ପରେ ଏଠିକାର ବାସିନ୍ଦାମାନଙ୍କର କାମ ହେଉଛି ଏହା କି ତାକୁ ଆବାଦ କରିବା,ଏବଂ ଏହା ହେଉଛି ଅଲ୍ଲାଃତାଲାଙ୍କ କୃପାକୁ ଲାଭ କରିବାର ଉପୟା ତେଣୁ ନିଜକୁ ସୁଧାରରିବା ସହିତ ନିଜ ଉତର ପିଢିକୁ ବି ଅଲ୍ଲାଃତାଲାଙ୍କ ସହିତ ଯୋଡ଼ିବାକୁ ହେବ । ଅନ୍ୟଥା ଏ ଯୁଗର ଚମକ, ଜାକ ଜମକ ଆମ ଆସନ୍ତା ପିଢିକୁ ଧର୍ମରୁ ଦୂରେଇ ନେବ । ପିଲାଦିନୁଁ ହିଁ ସେମାନଙ୍କୁ ମସଜିଦ ସହିତ ସଂଯୁକ୍ତ କରି ରଖିବାକୁ ଏବଂ ଧର୍ମର ଗୁରୁତ୍ୱକୁ ବତାଇବାକୁ ଆବଶ୍ୟକ ରହିଛି । ଏହା ମାଆ ବାପା ଉଭୟଙ୍କର କର୍ତବ୍ୟ । ତତସହିତ ଏକଥା ବି ମନେରଖନ୍ତୁ ଯେ ମସଜିଦ ନିର୍ମାଣ କରିବା ଦ୍ୱାରା ଏବଂ ତାହାର ଉଦଘାଟନ କରିବା ଦ୍ୱାରା ଆମ ଜମାଅତର ପରିଚୟ ଆହୁରୁ ଅଧିକା ହେବ । ଯେମିତି କି ମୁଁ ପୂର୍ବରୁ ଏକଥା କହିସାରିଛି । ଯଦି ମସଜିଦର ଏବଂ ଇସଲାମର ପରିଚୟ ହେବ,ତବଲିଗ କରିବାର ରାସ୍ତା ଖୋଲିବ । ଆହୁରି ଅଧିକା ସମ୍ପର୍କ ସୃଷ୍ଟି ହେବା ତେଣୁ ଏଥିରୁ ଲାଭା ଉଠାଇ ଏହାର ସୁଯୋଗ ନେଇ ଇସଲାମ ତଥା ଅହେମଦୀୟତର ବାର୍ତାକୁ ଲୋକମାନଙ୍କ ନିକଟରେ ପହଂଚାଇବା ମଧ୍ୟ ପ୍ରତ୍ୟେକ ଅହେମଦୀର କର୍ତବ୍ୟ ।

ହଜରତ ମସିହ ମଉଦ ଆ ସ କହିଛନ୍ତି: "ବର୍ତମାନ ଆମ ଜମାତକୁ ମସଜିଦର ବହୁତ ଆବଶ୍ୟକ ରହିଛି । ଏହା ହେଉଛି ଅଲ୍ଲାଃତାଲାଙ୍କର ଘର । ଯଦି କୌଣସି ଗ୍ରାମ ବା ସହରରେ ଆମର ମସଜିଦ ନିର୍ମାଣ ହୋଇ ଯାଏ, ତାହେଲେ ଭାବିନିଅ ଯେ ସେଠାରେ ଜମାତର ବିକାଶର ଭିତିପ୍ରସ୍ତର ସ୍ଥାପନ ହୋଇଗଲା....କିନ୍ତୁ ସର୍ତ ହେଉଛି ଏହା କି ମସଜିଦ ନିର୍ମାଣ କରିବାର ନିୟତ (ଉଦ୍ଦେଶ୍ୟ) ନିଷ୍ଠାପୂର୍ଣ୍ଣ ଓ ଆନ୍ତରିକ ନିୟତ ହେବା ଉଚିତ । କେବଳ ଏହା ଅଲ୍ଲାଃତାଲାଙ୍କ ପାଇଁ ଉଦ୍ଦିଷ୍ଟ ହେବା ଉଚିତ ।'' ***(ମଲଫୁଜାତ, ଖ-୦୭,ପୃ-୧୧୯,ଏଡ଼ିଶନ ୧୯୮୪)***

ଅତେବ ଯେପରି ହଜରତ ମସିହ ମଉଦ ଆ ସ କହିଛନ୍ତି ଯେ ମସଜିଦ ନିର୍ମାଣ ହେବା ଦ୍ୱାରା ଜମାଅତର ଉନ୍ନତି ତଥା ବିକାଶର ଭିତିପ୍ରସ୍ତର ସ୍ଥାପନ ହୋଇଗଲା ବୋଲି । ଯଦି ଏଠିକାର ଅହେମଦୀମାନଙ୍କ ଆନ୍ତରିକ ପ୍ରୟାସ ରହିବ,ଉପାସନାର ସ୍ତର ଉଚ୍ଚତର ହେବ ତାହେଲେ ଇନଶାଅଲ୍ଲାଃ ତାଲା ଜମାତର ଉନ୍ନତି ତଥା ବିକାଶର ମୂଳଦୁଆ ଏଠାରେ ବି ପଡିଗଲା ବୋଲି ବୁଝିନିଅ । ତେଣୁ ନିଜ ଉପାସନା ତଥା ଆନ୍ତରିକତାର ମାନକୁ ବୃଦ୍ଧି କରିଚାଲନ୍ତୁ । ଯଦି ଆମେ ଆମ ଉତର ପିଢିଙ୍କ ମଧ୍ୟରେ ମଧ୍ୟ ଏହି ଆନ୍ତରିକତା, ଦୁଆ (ପ୍ରାର୍ଥନା) ଓ ଉପାସନାର ମହତ୍ୱକୁ ସ୍ଥାନାନ୍ତର କରିଚାଲିବା ତାହେଲେ ଏହି ସାଂସାରିକ ଜଗତକୁ ପ୍ରେମ କରୁଥିବା ଲୋକମାନଙ୍କ ମଧ୍ୟରେ ଏକ ବିପ୍ଳବକୁ ଦେଖିପାରିବା । ଅର୍ଥାତ ସେମାନଙ୍କ ମଧ୍ୟରେ ଏକ ପରିବର୍ତ୍ତନ ଉପଲବ୍ଧ କରିପାରିବା ।

ହଜରତ ମସିହ ମଉଦ ଆ ସ କହିଛନ୍ତି : "ମସଜିଦର ପ୍ରକୃତ ଶୋଭା ଓ ସୌନ୍ଦର୍ଯ୍ୟ ତା ଅଟ୍ଟାଳିକା ସହିତ ରହି ନଥାଏ ବରଂ ସେହି ନମାଜିମାନଙ୍କ ସହିତ ଜଡ଼ିତ ଯେଉଁମାନେ ଆନ୍ତରିକତାର ସହିତ ନମାଜ ପାଠ କରିଥାନ୍ତି'' ***(ମଲଫୁଜାତ, ଖ-୦୮,ପୃ-୧୭୦, ଏଡ଼ିଶନ ୧୯୮୪)***

ଅଲ୍ଲାଃତାଲା ସମସ୍ତଙ୍କୁ ଆନ୍ତରିକତା ତଥା ନିଷ୍ଠାର ସହିତ ନମାଜ ପାଠ କରିବା ପାଇଁ ଶକ୍ତି ଏବଂ ସାମର୍ଥ୍ୟ ପ୍ରଦାନ କରନ୍ତୁ ଏବଂ ଏହି ମସଜିଦକୁ ଆବାଦ କରବା ପାଇଁ ଶକ୍ତି ଏବଂ ସାମର୍ଥ୍ୟ ପ୍ରଦାନ କରନ୍ତୁ । ଅଲ୍ଲାଃତାଲା ଆମର ଦୁଆ ଏବଂ ଉପାସନାକୁ ମଧ୍ୟ ଗ୍ରହଣ କରନ୍ତୁ ।

⌘⌘⌘⌘⌘⌘⌘⌘⌘⌘

ତକରିର ଜଲସା ସାଲାନାଃ...

# ସିରତ ହଜରତ ମସିହ ମଉଦ ଆଲୈସଲାତୁ ସଲାମ ତଓ୍ୱକଲ୍ ଅଲଲ୍ଲାଃ ଔର କୁବୁଲିୟତେ ଦୁଅ କି ଆଇନାଃ ମେଁ

## (ହଜରତ ମସିହ ମଉଦ ଆ ସଙ୍କ ଜୀବନ ଚରିତ- ଅଲ୍ଲାଃଙ୍କ ଉପରେ ଭରସା ଏବଂ ପ୍ରାର୍ଥନା ଗ୍ରହଣୀୟ ହେବା ଆଲୋକରେ)

(ମୁନୀର ଅହେମଦ ଖାଦିମ ନାଜିର ଇସଲାହ ଓ୍ୱ ଇରଶାଦ ଦକ୍ଷିଣ ଭାରତ)

ସମ୍ମାନସ୍ୱଦ ସଭାପତି ମହୋଦୟ ଏବଂ ଏ ସଭାରେ ଉପସସ୍ଥିତ ପ୍ରିୟ ଶ୍ରୋତାଗଣ ! ଯେପରି ଆପଣ ଏହା ଶୁଣି ସାରିଛନ୍ତି ଯେ ମୋ ତକରିର (ବକ୍ତବ୍ୟ) ର ବିଷୟ ବସ୍ତୁ ହେଉଛି "ସିରତ ହଜରତ ମସିହ ମଉଦ ଆଲୈସଲାତୁ ସଲାମ , ତଓ୍ୱକଲ୍ ଅଲଲ୍ଲାଃ ଔର କୁବୁଲିୟତେ ଦୁଅ କି ଆଇନାଃ ମେଁ '' ଅର୍ଥାତ ହଜରତ ମସିହ ମଉଦ ଆ ସଙ୍କ ଜୀବନୀ "ଅଲ୍ଲାଃଙ୍କ ଉପରେ ଭରସା ଏବଂ ପ୍ରାର୍ଥନା ଗ୍ରହଣୀୟ ହେବା ଆଲୋକରେ''। ପ୍ରିୟ ଶ୍ରୋତାଗଣ ! ଅଲ୍ଲାଃଙ୍କ ଉପରେ ଭରସା କରିବା ଏବଂ ତାହାଙ୍କ ନିକଟରେ ପ୍ରାର୍ଥନା କରିବା ନିମନ୍ତେ ନତମସ୍ତକ ହେବା ବାସ୍ତବିକ ଦୁଇଟି ଆବଶ୍ୟକୀୟ ଗୁଣ । ଯିଏ ଅଲ୍ଲାଃଙ୍କ ଉପରେ ଭରସା କରେ ସେ ଦୁନିଆର ଅନ୍ୟ ସମସ୍ତ ଭରସା ତଥା ସମ୍ପର୍କ ଠାରୁ ମୋହ ତୁଟାଇ ଦେଇଥାଏ ଏବଂ ସେ ମୋତବତଲ ବୋଲାଇ ଥାଏ । କେବଳ ହିଁ କେବଳ ତାହାର ହାତ ଅଲ୍ଲାଃଙ୍କ ଆଡ଼କୁ ଉଠିଥାଏ । ସୁତରାଂ ପବିତ୍ର କୁରଆନରେ ଏପରି ଭରସା କରୁଥିବା ଲୋକମାନଙ୍କ ସମ୍ପର୍କରେ ଏବଂ ସେମାନଙ୍କ ଦୁଆ ବିଷୟରେ ଉଲ୍ଲେଖ କରି ଅଲ୍ଲାଃତାଲା କହିଛନ୍ତି ଯେ ସେମାନେ ଶତୃଙ୍କ ଫିତନା (ଅର୍ଥାତ କୁଯୋଜନା ଏବଂ ବିଭ୍ରାଟ)ରି ସୁରକ୍ଷିତ ରହିବା ପାଇଁ ଅଲ୍ଲାଃତାଲାଙ୍କ ଉପରେ ଭରସା କରି ଏ ଦୁଆ କରିଥାନ୍ତି ଯେ ***ରବବନା ଆଲୈକା ତଓ୍ୱକ୍କଲନା ଓ୍ୱ ଇଲୈକା ଉନବ୍‌ନା ଓ୍ୱ ଇଲୈକାଲ ମସିର (ସୁରଃ ଅଲମୁମତହନାଃ : ୦୫)*** ଅର୍ଥାତ ହେ ଆମ୍ଭର ପାଳନକର୍ତା ! ଆମେ ତୁମ୍ଭଙ୍କ ଉପରେ ହିଁ ଭରସା କରୁଅଛୁ, ତୁମ୍ଭ ନିକଟରେ ହିଁ ଆମେ ନତମସ୍ତକ ହେଉଅଛୁ ଏବଂ ତୁମ୍ଭ ନିକଟକୁ ହିଁ ଆମର ପ୍ରତ୍ୟାବର୍ତନ ହେବ । ***ଓ୍ୱସିଅ ରବବୁନା କୁଲ୍ଲା ଶୈୟଇନ୍ ଇଲମନ୍ ଅଲଲ୍ଲାହି ତଓ୍ୱକ୍କଲନା (ସୁରଃ ଏରାଫ୍ :୯୦)*** ଅର୍ଥାତ ଜ୍ଞାନ ଦୃଷ୍ଟି କୋଣରୁ ଆମ୍ଭ ପାଳନକର୍ତାଙ୍କର ପ୍ରତ୍ୟେକ ବସ୍ତୁ ଉପରେ ନିୟନ୍ତ୍ରଣ ରହିଛି । ଆମ୍ଭେ ଅଲ୍ଲାଃଙ୍କ ଉପରେ ଭରସା କରୁଅଛୁ । ହେ ଆମ୍ଭର ପାଳନକର୍ତା ! ଆମ ଏବଂ ଆମ ଜାତିର ଲୋକମାନଙ୍କ ମଧ୍ୟରେ ସତ୍ୟର ବିଚାର କରନ୍ତୁ ।

ମୁଁ ମୋ ବକ୍ତବ୍ୟର ଆରମ୍ଭ ଏ ଜଗତର ଶିରୋମଣି ହଜରତ ମୁହମ୍ମଦ ମୁସ୍ତଫା ସ ଆ ସଙ୍କ ଦ୍ୱାରା ଶିଖା ଯାଇଥିବା ଗୋଟିଏ ଦୁଆରୁ କରୁଅଛି । ଏଥିରୁ ଜଣା ପଡୁଛି ଯେ ଆଁହଜରତ ସ ଆ ସ କେଡେ ପ୍ରାର୍ଥନାକାରୀ ତଥା ଈଶ୍ୱରଙ୍କ ଉପରେ ପୂର୍ଣ୍ଣ ଭରସାକାରୀ ବ୍ୟକ୍ତି ବିଶେଷ ଥିଲେ ।

ହଜରତ ଇବନେ ଅବାସ ର ଅ ଙ୍କଠାରୁ ବର୍ଣ୍ଣିତ ଅଛି ଯେ ମହାଭାଗ ସ ଆ ସ ଗୋଟିଏ ଦୁଆ କରୁଥିଲେ ଯେ:

ହେ ଅଲ୍ଲାଃ ମୁଁ ତୁମ୍ଭକ ଆଜ୍ଞାବହତା ସ୍ୱୀକାର କରୁଅଛି,ତୁମ୍ଭ ଉପରେ ବିଶ୍ୱାସ କରୁଅଛି, ତୁମ୍ଭ ଉପରେ ଭରସା କରୁଅଛି,ତୁମ୍ଭ ନିକଟରେ ନତମସ୍ତକ ହେଉଅଛି ଏବଂ ତୁମ୍ଭ ସାହାଯ୍ୟ ଯୋଗୁଁ ହିଁ ମୁଁ ଶତୃଙ୍କ ବିପକ୍ଷରେ ଯୁଦ୍ଧ କରୁଅଛି। ହେ ମୋର ଅଲ୍ଲାଃ ! ମୁଁ ତୁମ୍ଭ ସମ୍ମାନର ଆଶ୍ରୟ ନେଉଅଛି । ତୁମ୍ଭ ବ୍ୟତୀତ ଆଉ କେହି ଦେବତା ନାହାନ୍ତି । ତୁମ୍ଭେ ମୋତେ ପଥଭ୍ରଷ୍ଟତାରୁ ବଂଚାଅ । ତୁମ୍ଭେ ହିଁ ଜୀବନ୍ତ, ତୁମ୍ଭ ବ୍ୟତୀତ ଆଉ କିଏ ଅମର ନୁହନ୍ତି । ଜିନ୍ନ ଏବଂ ମଣିଷ ସମସ୍ତଙ୍କର ମୃତ୍ୟୁ ହେଉଛି ବିଧିର ବିଧାନ । ***(ମୁସଲିମ,କିତାବୁଲ ଜିକ୍ର,ଉଦ୍ଧୃତାଂଶ ଖୁତବାତେ ମସରୁର୍ ,ଖ-୦୩,ପୃ-୨୨୪)***

ହଜରତ ମସିହ ମଉଦ ଅ ସ ତଓ୍ୱକ୍କଲ୍ (ଈଶ୍ୱରଙ୍କ ଉପରେ ଭରସା ରଖିବା) ଏବଂ ଦୁଆ ବିଷୟରେ ବୁଝାଇବାକୁ ଯାଇ କହିଛନ୍ତି :

"ଯେଉଁ ବ୍ୟକ୍ତି ମୁତବତଲ୍ ହେବ ସେହି ବ୍ୟକ୍ତି ମୁତଓ୍ୱକିଲ୍ ବି ହେବ । ଅର୍ଥାତ ମୁତଓ୍ୱକିଲ୍ ହେବା ପାଇଁ ମୁତବତଲ୍ ହେବା ଏକ ସର୍ତ । କାରଣ ଯେପର୍ଯ୍ୟନ୍ତ ଅନ୍ୟମାନଙ୍କ ସହିତ ଏପରି ସମ୍ପର୍କ ରହିଥିବ ଯେ, ସେ ସେମାନଙ୍କ ଉପରେ ଭରସା ଏବଂ ବିଶ୍ୱାସ କରୁଥିବ,ସେ ସେପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ରୂପେ କେଉଁଠି ଅଲ୍ଲାଃଙ୍କ ଉପରେ ଭରସା କରିପାରେ । ଯେବେ ସେ ଅଲ୍ଲାଃଙ୍କ ଆଡ଼କୁ ଫେରି ଆସେ,ଏବଂ ଖୁଦା ତାଲାଙ୍କ ସହିତ ଜଡ଼ିତ ରହେ । ଏହା ସେତେବେଳେ ହୋଇଥାଏ ଯେବେ ସମ୍ପୂର୍ଣ୍ଣ ଭରସା ରହିବ । ଯେମିତି ଆମ୍ଭ ନବି ଶିରୋମଣି ସ ଆ ସ ପୂର୍ଣ୍ଣ ମୁତବତଲ୍ ଥିଲେ, ଠିକ ସେହିପରି ପୂର୍ଣ୍ଣ ମୁତଓ୍ୱକ୍କିଲ ମଧ୍ୟ ଥିଲେ । ଏହି କାରଣ ଯୋଗୁଁ ସେ ଏତେ ବଡ ବଡ ଶକ୍ତିଶାଳୀ ଜାତି ଏବଂ ଜନଜାତିର ସର୍ଦ୍ଦାରମାନଙ୍କର ବି ପରବାଏ କରିନଥିଲେ କି ସେମାନଙ୍କ ଦ୍ୱାରା କରାଯାଇଥିବା ବିରୋଧ ଯୋଗୁଁ ଲେଶମାତ୍ର ବି ପ୍ରଭାବିତ ହୋଇନଥିଲେ । ମହାଭାଗ ସ ଆ ସଙ୍କ ମଧ୍ୟରେ ସର୍ବଶକ୍ତିମାନ ପରମେଶ୍ୱରଙ୍କ ସତା ଉପରେ ଏକ ଅସାଧାରଣ ବିଶ୍ୱାସ ଥିଲା। ସେଇଥିପାଇଁ ଏତେ ମହାନ ଦାୟିତ୍ୱକୁ ମହାଭାଗ ସ ଅ ସ ବହନ କରିନେଲେ ଏବଂ ସାରା ଦୁନିଆର (ବିରୋଧକୁ) ମୁକାବିଲା କଲେ ଏବଂ ସେମାନଙ୍କ କିଛି ବି ବିବେଚନା କଲେ ନାହିଁ । ଏହା ଥିଲା ତଓ୍ୱକ୍କଲ (ଅର୍ଥାତ ଈଶ୍ୱରଙ୍କ ଉପରେ ଭରସାର) ବହୁତ ବଡ ଆଦର୍ଶ,ଯାହାର ଦୃଷ୍ଟନ୍ତ ଏ ଜଗତରେ ମିଳେ ନାହିଁ । ଏହା ଏଇଥି ପାଇଂ ଯେ ଅଲ୍ଲାଃଙ୍କୁ ପସନ୍ଦ କରି ଏ ଜଗତକୁ ବିରୋଧ କରାଯାଇଥାଏ । କିନ୍ତୁ ଯେପର୍ଯ୍ୟନ୍ତ ଈଶ୍ୱରଙ୍କୁ ନ ଦେଖିନେଇଛ ସେପର୍ଯ୍ୟନ୍ତ ଏପରି ଅବସ୍ଥା ସୃଷ୍ଟି ହୋଇ ନଥାଏ । ଯେପର୍ଯ୍ୟନ୍ତ ଏ ଆଶା ନରଖିଛ ଯେ ଏହା ପରେ ଦ୍ୱିତୀୟ କବାଟ ନିଶ୍ଚିତ ରୂପେ ଖୋଲିବ । ଯେତେବେଳେ ଏପରି ଆଶା ଏବଂ ଆସ୍ଥା ସୃଷ୍ଟି ହୋଇଯାଏ,ସେ ନିଜ ପ୍ରିୟ ଜନମାନଙ୍କୁ ମଧ୍ୟ ଅଲ୍ଲାଃଙ୍କ ମାର୍ଗରେ ଶତୃରେ ପରିଣତ କରିନିଏ। ଏହା ଏଇଥି ପାଇଁ କି ସେ ଜାଣିଥାଏ ଯେ ଅଲ୍ଲାଃ ତାଙ୍କର ଆହୁରି ଅନେକ ସାଙ୍ଗ ବନାଇ ଦେବ । ସେ ନିଜର ଧନ ସମ୍ପତିକୁ ବି ହରାଇ ଦେଇଥାଏ ଯେ ତାକୁ ଏହାଠାରୁ ଉତମ ସମ୍ପତି ମିଳିବାର ବିଶ୍ୱାସ ଥାଏ । କଥାର ସାରାଂଶ ହେଉଛି ଏହା କି ଅଲ୍ଲାଃଙ୍କ ଇଚ୍ଛାକୁ ଅଗ୍ରାଧିକାର ଦେବା ହେଉଛି ତବତୁଲ୍ ଏବଂ ପୁଣି ସେହି ତବତୁଲ୍ ଏବଂ ତଓ୍ୱକ୍କଲ୍ ଉଭୟ ହେଉଛନ୍ତି ଯାଆଁଳା । ତବତୁଲର ର ରହସ୍ୟ ହେଉଛି ତଓ୍ୱକ୍କଲ୍ ଏବଂ ତଓ୍ୱକ୍କଲ୍ ର ସର୍ତ ହେଉଛି ତବତୁଲ୍ । ଏ ପ୍ରସଙ୍ଗରେ ଏହା ହେଉଛି ଆମର ଧର୍ମ । ***(ମଲଫୁଜାତ, ଖ-୧,ପୃ-୫୫୪-୫୫୫)***

ମୁଁ ନିମ୍ନରେ ସିରତୁଲ ମେହେଦୀର ଲେଖକ ହଜରତ ମିର୍ଜା ବଶୀର ଅହେମଦ ସାହେବ ର ଅଙ୍କଠାରୁ ତଓ୍ୱକ୍କଲ୍ ଏବଂ ଦୁଆ ଗ୍ରହଣୀୟ ହେବା ସମ୍ବନ୍ଧରେ ହଜରତ ଅକଦସ୍ ମସିହ ମଉଦ ଆ ସଙ୍କର କିଛି ବିଶ୍ୱାସ ବର୍ଦ୍ଧକ ରିଓ୍ୱାୟତକୁ ଉପସ୍ଥାପନ କରୁଅଛି ।

ହଜରତ ଅକଦସ୍ ମସିହ ମଉଦ ଆ ସଙ୍କ ତଓ୍ୱକ୍କଲ୍ର କଣ ଉଦାହରଣ ଥିଲା ଏବଂ କିପରି ତାଙ୍କର ଅଲ୍ଲାଃତାଲାଙ୍କ ଅସ୍ତିତ୍ୱ ଉପରେ ଭରସା ଥିଲା,ସେ ବିଷୟରେ ହଜରତ ଚୌଧୁରୀ ହାକିମ ଅଲୀ ସାହେବ ନମ୍ବରଦାର ର ଅ ବର୍ଣ୍ଣନା କରିଛନ୍ତି ଯେ ଏକଦା ହଜରତ ଅକଦସ୍ ମସିହ ମଉଦ ଆ ସ କହିଲେ ଯେ,ଯେବେ ଆମ ଉପରେ କୌଣସି ପ୍ରକାରର ଦୁଃଖ ବିପତି ଆସେ,ଉଦାହରଣ ସ୍ୱରୂପ ଯଦି କୌଣସି ଶତୃ ଆମ ବିରୋଧରେ କିଛି ମୋକଦ୍ଦମା (କେଶ୍) କରିଦିଏ ବା ଏହିପରି ଆଉ କିଛି କଥା ଘଟିଯାଏ, ସେତେବେଳେ ଏପରି ଲାଗେ ସତେ ଯେପରି ଅଲ୍ଲାଃତାଲା ଆମ ଘରକୁ ଆସିଯାଇଛନ୍ତି । ***(ସିରତୁଲ ମେହେଦୀ ଲେଖକ ହଜରତ ମିର୍ଜା ବଶୀର ଅହେମଦ ସାହେବ ର ଅ,ଭାଗ ଚାରି, ରିଓ୍ୱାୟତ ନଂ-୧୧୬୯)***

ଯେବେ ବି କୌଣସି ପ୍ରତିପକ୍ଷଙ୍କ ସହିତ ଯୁକ୍ତି ତର୍କ ହେଉଥିଲା,ସେତେବେଳେ ଆପଣ ଆ ସ କେବଳ ଅଲ୍ଲାଃତାଲାଙ୍କ ଅସ୍ତିତ୍ୱ ଉପରେ ଭରସା କରୁଥିଲେ, ତାହାଙ୍କଠାରୁ ହିଁ ସାହାଯ୍ୟ ଭିକ୍ଷା କରୁଥିଲେ ଏବଂ ତାହାଙ୍କ ବ୍ୟତୀତ ଆଉ କାହାଠାରୁ ସାହାଯ୍ୟ ନେବା ଉଚିତ ମଣୁ ନଥିଲେ । ଅତଃ ହଜରତ ମୁନଶୀ ଜଫର ଅହେମଦ ସାହେବ କପୁର ଥଲଓ୍ୱି ର ଅ ବର୍ଣ୍ଣନା କରିଛନ୍ତି ଯେ ଆଥମ ସହିତ ହୋଇଥିବା ମୁବାହିସା (ଆଲୋଚନା) ରେ ଆଥମ ଏକଦା ଏପରି ପ୍ରଶ୍ନ ପଚାରିଥିଲା ଯେ ଆମର କେତେକ ଲୋକେ ଭୟ କରିଗଲେ ଯେ ତାଙ୍କୁ ତାଙ୍କ ପ୍ରଶ୍ନର ଉତର ତୁରନ୍ତ ଦିଆ ଯାଇପାରିବ ନାହିଁ । ଏବଂ କେତେକ ବନ୍ଧୁ ଏକ କମିଟି ଗଠନ କରି ଏହା ଚାଂହିଲେ ଯେ ସେମାନେ ପବିତ୍ର କୁରଆନ ଏବଂ ଇଞ୍ଜିଲ୍ର ରିଫରେନ୍ସ ସାହାଯ୍ୟରେ ହଜରତ ମସିହ ମଉଦ ଆ ସଙ୍କୁ ସାହାଯ୍ୟ କରନ୍ତୁ । ହଜରତ ମୁନଶି ସାହେବ ର ଅ କୁହନ୍ତି ଯେ ମୁଁ ମୌଲଓ୍ୱି ଅବ୍ଦୁଲ କରିମ ସାହେବଙ୍କୁ ଥଟ୍ଟାରେ କହିଲି ଯେ କ'ଣ ନବୁଓ୍ୱତ ବି ପରାମର୍ଶ ଜରିଆରେ ହୋଇଥାଏ ? ଏତିକିରେ ହଜରତ ସାହେବ (ମସିହ ମଉଦ ଆ ସ) ଆସି ପହଂଚିଲେ ଏବଂ ହଜୁର କିଛି କଥା କହି ସେଠାରୁ ଯିବାକୁ ବାହାରିଲେ । ଏତିକି ବେଳେ ମୌଲଓ୍ୱି ଅବ୍ଦୁଲ କରିମ ସାହେବ ମରହୁମ ଛିଡ଼ା ହୋଇ କହିଲେ ଯେ ଯଦି କାଲିର ଉତର ପାଇଁ ପରାମର୍ଶ କରିନିଆ ଯାଏ ତେବେ କୌଣସି ଅସୁବିଧା ନାହିଁ । ଏହା ଶୁଣି ହଜରତ ମସିହ ମଉଦ ଆ ସ ହସି ଦେଇ କହିଲେ ଯେ "ଆପଣଙ୍କ ଦୁଆ ହିଁ ଯଥେଷ୍ଟ''ପୁଣି ତାପରେ ତୁରନ୍ତ ଚାଲିଗଲେ । ଏହି ରିଓ୍ୱାୟତ ସେହି ଲୋକମାନଙ୍କ ଉତର ପାଇଁ ବି ଯଥେଷ୍ଟ ଯେ ମିର୍ଜା ସାହେବ ଓ୍ୱଲେମାମାନଙ୍କୁ ଲୁଚାଇ ରଖିଛନ୍ତି ଏବଂ ସେମାନେ ତାଙ୍କୁ ପସ୍ତକ ଲେଖିବା କାର୍ଯ୍ୟରେ ସାହାଯ୍ୟ କରୁଛନ୍ତି । **(ସିରତୁଲ ମେହେଦୀ,ରିଓ୍ୱାୟତ ନଂ-୫୧୫)**

ହଜରତ ଅକଦସ୍ ମସିହ ମଉଦ ଆ ସଙ୍କୁ ଅଲ୍ଲାଃତାଲାଙ୍କ ଅସ୍ତିତ୍ୱ ଉପରେ କିପରି ଭରସା ଥିଲା ଯେ ସେ ଅଲ୍ଲାଃଙ୍କ ବ୍ୟତୀତ ଆଉ କାହା ଉପରେ ତିଳେ ମାତ୍ର ଭରସା କରିବାକୁ କୁଫର (ଅର୍ଥାତ ଅବିଶ୍ୱାସକାରୀ) ବୋଲି ବିବେଚନା କରୁଥିଲେ । ଏ ପ୍ରସଙ୍ଗରେ ହଜରତ ମୁନଶୀ ଜଫର ଅହେମଦ୍ କପୁର ଥଲଓ୍ୱି ର ଅଙ୍କ ଦ୍ୱାରା ବର୍ଣ୍ଣିତ ଆଉ ଏକ ରିଓ୍ୱାୟତ ଉପସ୍ଥାପନ କରୁଅଛି । ସେ କୁହନ୍ତି ଯେ ହଜରତ ଅକଦସ୍ ମସିହ ମଉଦ ଆ ସଙ୍କୁ ମୁଣ୍ଡ ବିନ୍ଧା ରୋଗ ଥିଲା। ଜଣେ ଡାକ୍ତରଙ୍କ ବିଷୟରେ ଶୁଣିବାକୁ ମିଳିଲା ଯେ ତାଙ୍କୁ ଏହି ରୋଗର ଉପଚାର କରିବାରେ ବିଶେଷ ଦକ୍ଷତା ରହିଛି । ସେହି ଡାକ୍ତରଙ୍କୁ ଭଡା ଖର୍ଚ୍ଚ ଦେଇ ଡକାଗଲା । ସେ ବହୁତ ଦୂରରୁ ହଜୁର ଆ ସଙ୍କୁ ଦେଖି କହିଲା ଯେ ଦୁଇଦିନ ମଧ୍ୟରେ ଆପଣଙ୍କୁ ଠିକ କରିଦେବି

। ଏହା ଶୁଣି ହଜରତ ଅକଦସ୍ ମସିହ ମଉଦ ଆ ସ ଘର ଭିତରକୁ ଚାଲିଗଲେ ଏବଂ ହଜରତ ମୌଲୱି ନୁରୁଦ୍ଦୀନ ସାହେବଙ୍କୁ ଗୋଟିଏ ଚିରିକୁଟି ଲେଖି ଜଣାଇଲେ ଯେ ଏହି ଲୋକଠାରୁ କଦାପି ଚିକିତ୍ସା କରିବାକୁ ଚାହିଁବି ନାହିଁ । ଇଏ ତ ନିଜକୁ ଈଶ୍ୱର ହେବାର ଦାବି କରୁଅଛି । ତାଙ୍କୁ ତାଙ୍କ ଲେଉଟିବାର ଭଡା ଖର୍ଚ୍ଚ ସହିତ ଆଉ କୋଡିଏ ପଚିଶି ଟଙ୍କା ପଠାଇଦେଲେ ଯେ ଏହାକୁ ଦେଇ ତାଙ୍କୁ ବିଦା କରିଦିଅ । ଅତେବ ତାହା ହିଁ ହେଲା । ***(ସିରତୁଲ ମେହେଦୀ,ରିୱାୟତ ନଂ-୧୦୩୮)***

ଏବେ ମୁଁ ଦୁଆ (ପ୍ରାର୍ଥନା) ଗ୍ରହଣୀୟ ହେବା ସମ୍ବନ୍ଧରେ ସିରତୁଲ ମେହେଦୀରୁ ହଜରତ ଅକଦସ୍ ମସିହ ମଉଦ ଆ ସଙ୍କର କିଛି ବିଶ୍ୱାସ ବର୍ଦ୍ଧକ ରିୱାୟତ (ବର୍ଣ୍ଣନା) ଉପସ୍ଥାପନ କରୁଅଛି

ମାନ୍ୟବର ମୁଫତି ମୁହମ୍ମଦ ସାଦିକ ସାହେବ ମୋତେ ଏହା ବର୍ଣ୍ଣନା କରିଥିଲେ ଯେ ସର ସୟଦ ଅହମଦ୍ ଖାନ୍ ସାହେବ ଏ ବିଶ୍ୱାସର ପ୍ରକାଶ କରିଥିଲେ ଯେ ଦୁଆ ହେଉଛି କେବଳ ଏକ ଉପାସନା ମାତ୍ର, ଅନ୍ୟଥା ଏହି ଦୁଆ ଯୋଗୁଁ ଅଲ୍ଲାଃ ନିଜର ଆଦେଶକୁ ପରିବର୍ତନ କରନ୍ତି ନାହିଁ । ଏହା ଯେ କୌଣସି ପ୍ରକାରେ ବି ନିଜ ଧାର୍ଯ୍ୟ ରାସ୍ତାରେ ଚାଲିଥାଏ । ଏଥିରେ ହଜରତ ମସିହ ମଉଦ ଆ ସ "ବରକାତୁଦ୍ ଦୁଆ'' ନାମକ ଗୋଟିଏ ପତ୍ରିକା ଲେଖି ପ୍ରକାଶ କରିଥିଲେ । ଯେଉଁଥିରେ ଏ ଯୁକ୍ତି ଉପସ୍ଥାପନ କରି ସାବସ୍ତ୍ୟ କରିଥିଲେ ଯେ ଦୁଆ କେବଳ ଏକ ଉପାସନା(ବା ପ୍ରଥା) ନୁହେଁ । ବରଂ ଏହା ଫଳରେ ଅଲ୍ଲାଃତାଲା ନିଜର ଧାର୍ଯ୍ୟ ବିଚାରକୁ ବି ପରିବର୍ତନ କରିଦେଇଥାନ୍ତି । କାରଣ ସେ ହେଉଛନ୍ତି କାଦିରେ ମୁତଲିକ(ଅର୍ଥାତ ସର୍ବଶକ୍ତିମାନ) ଏବଂ ନିଜର ପ୍ରକୃତି/ଧାର୍ଯ୍ୟଭାଗ୍ୟ ଉପରେ ତାହାର ନିୟନ୍ତ୍ରଣ ରହିଛି । ସେହିପରି ହଜରତ ମସିହ ମଉଦ ଆ ସ ଇସଲାମୀୟ ଶିକ୍ଷା ଅନ୍ତର୍ଗତ ଏହା ସାବ୍ୟସ୍ତ କରିଛନ୍ତି ଯେ ସର୍ ସୟଦ୍ ସାହେବଙ୍କ ବିଶ୍ୱାସ ଠିକ ନୁହେଁ । ଯେବେ ଏହି ପତ୍ରିକାଟି ମୁଦ୍ରିତ ହୋଇ ପ୍ରସ୍ତୁତ ହୋଇଗଲା,ହଜରତ ମସିହ ମଉଦ ଆ ସ ସେହି ପତ୍ରିକାର ଗୋଟିଏ କପି ସାର୍ ସୟଦଙ୍କ ନିକଟକୁ ପ୍ରେରଣ କଲେ । ଏଥିରେ ସାର୍ ସୟଦ ଅହେମଦ ସାହେବ ହଜରତ ମସିହ ମଉଦ ଆ ସଙ୍କ ନିକଟକୁ ଗୋଟିଏ ଚିଠି ଲେଖିଲେ,ଏବଂ କ୍ଷମା ପ୍ରାର୍ଥନା ଶୈଳୀରେ ଲେଖିଲେ ଯେ ମୁଁ ଏ କ୍ଷେତ୍ରର ଲୋକ ନୁହେଁ ତେଣୁ ମୋ ଦ୍ୱାରା ଭୂଲ ହୋଇଯାଇଛି ଏବଂ ଆପଣ ଯାହା କିଛି ଲେଖିଛନ୍ତି ତାହା ହିଁ ସଠିକ୍ ହେବ । (ସିରତୁଲ ମେହେଦୀ, ରିୱାୟତ ନଂ-୮୩୦)

ଏବେ ମୁଁ ହଜରତ ମସିହ ମଉଦ ଆ ସଙ୍କ ପ୍ରାର୍ଥନା ଗ୍ରହଣୀୟ ହେବାର କିଛି ମହାନ ଐଶି ଚମତ୍କାର ଉପସ୍ଥାପନ କରୁଅଛି ।

ପ୍ରିୟ ଶ୍ରୋତାଗଣ ! ହଜରତ ମସିହ ଆ ସ (ଅର୍ଥାତ ହଜରତ ଇସା ଆ ସ)ଙ୍କୁ ଖ୍ରୀଷ୍ଟିଆନମାନେ କିଛି ଏପରି ଘଟଣା ଆଧାରରେ ଈଶ୍ୱର ରୂପରେ ପରିଣତ କରିଦେଇଛନ୍ତି । ସେଥିରେ ସେମାନେ ଏହା କହିଛନ୍ତି ଯେ ସେ (ଅର୍ଥାତ ହଜରତ ଇସା ଆ ସ) ରୋଗୀମାନଙ୍କୁ ଆରୋଗ୍ୟ ପ୍ରଦାନ କରୁଥିଲେ । (ଅର୍ଥାତ ଭଲ କରି ଦେଉଥିଲେ,ସୁସ୍ଥ କରିଦେଉଥିଲେ)। ଅପଙ୍ଗମାନଙ୍କୁ ସୁସ୍ଥ କରିଦେଉଥିଲେ । ଅନ୍ଧମାନଙ୍କ ଆଖିଗୁଡ଼ିକୁ ଠିକ କରିଦେଉଥିଲେ ଫଳତଃ ସେମାନେ ଦେଖିବାକୁ ଲାଗିଯଉଥିଲେ ଏବଂ ମୁର୍ଦ୍ଦାରମାନଙ୍କୁ ଜୀବନଦାନ ପ୍ରଦାନ କରୁଥିଲେ । ଯଦିଓ ଏହାର ଅର୍ଥ ହେଉଛି ଆଧ୍ୟାତ୍ମିକ ଦୃଷ୍ଟିହୀନମାନଙ୍କର ଆଖି ଖୋଲିଦେବା ଏବଂ ଆଧ୍ୟାତ୍ମିକ ଭାବରେ ମୃତପ୍ରାୟ ଲୋକମାନଙ୍କ ମଧ୍ୟରେ ଆଧ୍ୟାତ୍ମିକ ଜୀବନର ଆତ୍ମା ଫୁଙ୍କିବା । କିନ୍ତୁ ଏଥିରେ କୌଣସି ସନ୍ଦେହ ନାହିଁ ଯେ ସେ (ଅର୍ଥାତ ହଜରତ ଇସା ଆ ସ) କେତେକ ଏପରି ରୋଗୀମାନଙ୍କୁ ମଧ୍ୟ ଆରୋଗ୍ୟ ପ୍ରଦାନ କରିଛନ୍ତି ଯେଉଁମାନଙ୍କର ବାହ୍ୟ ଦୃଷ୍ଟିଶକ୍ତି ବ୍ୟାହତ ହୋଇଯାଇଥିଲା,ଏବଂ ସେମାନେ ଏପରି ରୋଗୀ ଥିଲେ ଯେଉଁମାନେ ମୃତପ୍ରାୟ ହୋଇଯାଇଥିଲେ । ସେଥିରୁ ଇସାଇମାନେ ତାଙ୍କୁ (ଅର୍ଥାତ ହଜରତ ଇସା ଆ ସ)ଙ୍କୁ ଈଶ୍ୱର ବନାଇ ଦେଲେ ।

ସେହିପରି ଆରୋଗ୍ୟର ଉଦାହରଣ ଏବଂ ସେହିପରି ଜୀବନ ପାଇବାର ଉଦାହରଣ ବରଂ ତାଠାରୁ ବଳି ଉଦାହରଣ ହଜରତ ମିର୍ଜା ଗୁଲାମ ଅହେମଦ କାଦିଆନୀ ଆ ସଙ୍କ ପବିତ୍ର ଜୀବନରେ ମଧ୍ୟ ଆମକୁ ଦେଖିବାକୁ ମିଳିଥାଏ ଯେ ଅଲ୍ଲାଃତାଲା ଆପଣ ଆ ସଙ୍କ ଦୁଆ (ପ୍ରାର୍ଥନା) ଯୋଗୁଁ ଏପରି ରୋଗୀମାନଙ୍କୁ ଆରୋଗ୍ୟ ପ୍ରଦାନ କରିଛନ୍ତି,ଯେଉଁମାନଙ୍କୁ ଡ଼ାକ୍ତର ସାହେବ ଅସାଧ୍ୟ ବୋଲି କହି ଏମାନେ ଆଉ ଠିକ ହେବେ ନାହିଁ ବୋଲି ଅଭିହିତ କରିଦେଇଥିଲେ ଓ ସେମାନେ ମୃତପ୍ରାୟ ହୋଇସାରିଥିଲେ ।

ହଜରତ ମୌଲୱି ମୁହମ୍ମଦ ଇବ୍ରାହୀମ୍ ସାହେବ ବକାପୁରୀ ର ଅ ବର୍ଣ୍ଣନା କରିଛନ୍ତି ଯେ ଏକଦା ମୁଁ ହଜରତ ମସିହ ମଉଦ ଆ ସଙ୍କ ନିକଟରେ ହାଜିର ହୋଇ ନିବେଦନ କଲି ଯେ ମୋ ଆଖିରୁ ପାଣି ବହୁଛି ତେଣୁ ମୋ ପାଇଁ ଦୁଆ କରନ୍ତୁ । ହଜରତ ମସିହ ମଉଦ ଆ ସ କହିଲେ ମୁଁ ଦୁଆ କରିବି ଏବଂ ପୁଣି କହିଲେ: ଆପଣ ମୌଲୱି ସାହେବ(ହଜରତ ଖଲିଫତୁଲ ମସିହ ପ୍ରଥମ ର ଅ)ଙ୍କ ଠାରୁ ଇତରଫିଲ୍ ଜମାନୀ ମଧ୍ୟ ନେଇ ଖାଆନ୍ତୁ । ଅଲହମଦୁଲିଲ୍ଲାଃ ! ତାପରେ ସେହି ଦିନଠାରୁ ଆଜି ପର୍ଯ୍ୟନ୍ତ ମୋତେ ଆଉ କେବେ ବି ସେହି ରୋଗ ହୋଇନଥିଲା । ***(ସିରତୁଲ ମେହେଦୀ,ରିୱାୟତ ନଂ-୮୧୭)***

ହଜରତ ମୁନଶୀ ଅବ୍ଦୁଲ ଅଜିଜ ସାହେବ ଔଜଲୱି ର ଅ ବର୍ଣ୍ଣନା କରିଛନ୍ତି ଯେ ସେଖୱାଁ ନିବାସୀ ସାନୁ ନାମକ ଜଣେ ବ୍ୟକ୍ତି ମୋ ସହିତ ହଜରତ ମସିହ ମଉଦ ଆ ସଙ୍କର ବୟତ କରିଥିଲେ । ଏବେ ତାଙ୍କର ବେହେଶତି ମକବରାଃ ରେ କବର ଅଛି । ତାଙ୍କ ଆଖିରେ ଅନବରତ ପାଣି ବହୁଥିଲା । ସେ ହଜରତ ଖଲିଫତୁଲ ମସିହ ପ୍ରଥମ ର ଅ ଙ୍କୁ ନିଜର ଆଖି ଦେଖାଇଲେ । ସେ କହିଲେ ଯେ ପ୍ରଥମେ ଆଖିରୁ ପାଣି ବୋହି ଆଖିର ଦୃଷ୍ଟି ଶକ୍ତି ସମ୍ପୂର୍ଣ୍ଣ ଶେଷ ହେବ,ତା'ପରେ ଚିକିତ୍ସା କରାଯିବ । ଏହା ଶୁଣି ତାଙ୍କୁ ବହୁତ ଦୁଃଖ ହେଲା । ତା'ପରେ ସେ ଏ ଶୈଳୀକୁ ଆପଣେଇଲେ ଯେ ଯେବେ ବି ସେ କାଦିଆନ ଆସୁଥିଲେ ଏବଂ ହଜରତ ମସିହ ମଉଦ ଆ ସଙ୍କ ନିକଟରେ ତାଙ୍କୁ ବସିବାର ସୁଯୋଗ ମିଳୁଥିଲା, ସେତେବେଳେ ସେ ହଜୁର ଆ ସଙ୍କ ପଗଡ଼ି କାନିକୁ ନିଜ ଆଖିରେ ଲଗାଇ ଦେଉଥିଲେ । କିଛି ଦିନ ମଧ୍ୟରେ ହିଁ ତାଙ୍କ ଆଖିରୁ ପାଣି ବହିବା ରୋଗ ଠିକ ହେବାକୁ ଲାଗିଲା ଏବଂ ଯେ ପର୍ଯ୍ୟନ୍ତ ସେ ଜୀବୀତ ରହିଲେ,ସେପର୍ଯ୍ୟନ୍ତ ତାଙ୍କର ଆଖି ଠିକ ଥିଲା । କୌଣସି ପ୍ରକାରର ଚିକିତ୍ସାର ଆବଶ୍ୟକ ପଡିନଥିଲା । ***(ସିରତୁଲ ମେହେଦୀ,ରିୱାୟତ ନଂ-୫୬୮)***

ବର୍ତମାନ ଦୁଆ ଗ୍ରହଣୀୟ ହେବାର ଆଉ ଏକ ବିଶ୍ୱାସ ବର୍ଦ୍ଧକ ରିୱାୟତ (ବର୍ଣ୍ଣନା) ଶୁଣନ୍ତୁ। ହଜରତ ଡ଼ାକ୍ତର ସୟଦ ଅବ୍ଦୁଲ ସତତାର ଶାହ୍ ସାହେବ ର ଅ ବର୍ଣ୍ଣନା କରିଛନ୍ତି ଯେ ଏକଦା ମୋତେ ତିନି ମାସ ଛୁଟି ନେଇ ସପରିବାର କାଦିଆନରେ ରହିବାର ସୌଭାଗ୍ୟ ମିଳିଲା । ସେହି ଦିନଗୁଡ଼ିକରେ ଏପରି ଘଟଣ ଘଟିଲା ଯେ ୱଲିଉଲ୍ଲାଃ ଶାହଙ୍କ ମାତାଙ୍କ ଦାନ୍ତରେ ଭିଷଣ ବିନ୍ଧା ଆରମ୍ଭ ହୋଇଗଲା । ସେଥି ଯୋଗୁଁ ତାଙ୍କୁ ନା ତ ରାତିରେ ନିଦ ଆସୁଥିଲା ନା ଦିନରେ । ଡ଼ାକ୍ତରୀ ଚିକିତ୍ସା ବି କରାଗଲା କିନ୍ତୁ କିଛି ଲାଭା ମିଳିଲା ନାହିଁ । ହଜରତ ଖଲିଫତୁଲ ମସିହ ପ୍ରଥମ ର ଅ ମଧ୍ୟ ଔଷଧ ଦେଲେ କିନ୍ତୁ କିଛି ବି ଆରାମ ହେଲା ନାହିଁ । ହଜରତ ଉମ୍ମୁଲ ମୁମିନିନ୍ ର ଅ ହଜୁର ଆ ସଙ୍କ ନିକଟରେ ନିବେଦନ କଲେ ଯେ ଡ଼ାକ୍ତର ସୟଦ ଅବ୍ଦୁଲ ସତତାର ଶାହ୍ ସାହେବ ର ଅଙ୍କ ପତ୍ନୀଙ୍କ ଦାନ୍ତ ଭିଷଣ ବିନ୍ଧା ହେଉଛି,କୌଣସି ପ୍ରକାରେ ଆରାମ ମିଳୁନାହିଁ । ଏହା ଶୁଣି ହଜରତ ମସିହ ମଉଦ ଆ ସ କହିଲେ ଯେ ତାଙ୍କୁ ଏଠାକୁ ଡ଼ାକନ୍ତୁ ଏବଂ ସେ ଆସି ମୋତେ ବତାନ୍ତୁ ଯେ ତାଙ୍କୁ କେଉଁଠାରେ ଯନ୍ତ୍ରଣା ହେଉଛି । ଅତେବ ସେ ଉପସ୍ଥିତ ହୋଇ ନିବେଦନ କଲେ ଯେ ମୋର ଏହି ଦାନ୍ତରେ ଭିଷଣ ଯନ୍ତ୍ରଣା ହେଉଛି ଓ ମୁଁ ଡ଼ାକ୍ତର ସାହେବ ଏବଂ ମୌଲୱି ସାହେବ (ଅର୍ଥାତ ହଜରତ ଖଲିଫତୁଲ ମସିହ ପ୍ରଥମ ର ଅ)ଙ୍କଠାରୁ ବି ଔଷଧ ଖାଇ ସାରିଲିଣି କିନ୍ତୁ କୌଣସି ଲାଭ ମିଳୁନାହିଁ । ହଜରତ୍ ମସିହ ମଉଦ ଆ ସ କହିଲେ ଯେ ଆପଣ ଟିକିଏ ରୁହନ୍ତୁ । ଅତଃ ହଜୁର ଆ ସ ୱଜୁ କଲେ,ତା'ପରେ କହିଲେ ଯେ ମୁଁ ଆପଣଙ୍କ ପାଇଁ ଦୁଆ କରୁଛି ,ଆପଣଙ୍କୁ ଅଲ୍ଲାଃତାଲା ଆରାମ ଦେଇଦେବେ । ଆପଣ ବ୍ୟସ୍ତ ହୁଅନ୍ତୁ ନାହିଁ । ହଜୁର ଦୁଇ ରେକାତ ନଫିଲ ନମାଜ ପାଠ କଲେ ଏବଂ ସେ (ଅର୍ଥାତ ସେହି ମହିଳା ଜଣଙ୍କ) ସେଠାରେ ନୀରବତା ଅବଲମ୍ବନ କରି ବସି ରହିଲେ । ଏତିକି ବେଳେ ସେ ଅନୁଭବ କଲେ ଯେ ଯେଉଁ ଦାନ୍ତରେ ଯନ୍ତ୍ରଣା ହେଉଥିଲା,ସେହି ଦାନ୍ତ ମୂଳରୁ ଗୋଟିଏ ନିଆଁ ପିଣ୍ଡୁଳା କିଛି ମାତ୍ରାରେ ଧୂଆଁ ସହିତ ବାହାରି ଆକାଶ ଆଡ଼କୁ ଚାଲିଯାଉଛି ଏବଂ ତତସହିତ ଦାନ୍ତର ଯନ୍ତ୍ରଣା ବି କମି କମି ଯାଉଛି । ସୁତରାଂ ଯେବେ ସେହି ନିଆଁ ପିଣ୍ଡୁଳା ଆକାଶରେ ଯାଇ ଅଦୃଶ୍ୟ ହୋଇଗଲା,କିଛି ସମୟ ପରେ ହଜୁର ଆ ସ ସଲାମ ଫେରାଇଲେ (ଅର୍ଥାତ ନମାଜ ପଢିବା ଶେଷ କଲେ) । ପୁଣି ସେହି ଯନ୍ତ୍ରଣାରୁ ମୁକ୍ତି ମିଳିଗଲା । ହଜୁର ଅ ସ କହିଲେ, ହାଁ ଏବେ ଆପଣଙ୍କର ଅବସ୍ଥା କିପରି ଅଛି ? ସେ କହିଲେ ହଜୁରଙ୍କ ଦୁଆ (ପ୍ରାର୍ଥନା) ଯୋଗୁଁ ମୋତେ ଆରାମ ମିଳିଗଲା,ଏବଂ ଅଲ୍ଲାଃତାଲା ତାଙ୍କୁ ଏହି ଦଣ୍ଡରୁ ରକ୍ଷା କରିବା ହେତୁ ସେ ବହୁତ ଖୁସି ହୋଇଗଲେ । ***(ସିରତୁଲ ମେହେଦୀ,ରିୱାୟତ ନଂ-୫୬୮)***

ମିରାକ (ମାନସିକ)ରୋଗରୁ ଆରୋଗ୍ୟ ମିଳିଥିବା ଗୋଟିଏ ଘଟଣା ଶୁଣନ୍ତୁ ।

ହଜରତ ଡ଼ାକ୍ତର ସୟଦ ଅବ୍ଦୁଲ ସତତାର ଶାହ୍ ସାହେବ ର ଅ ବର୍ଣ୍ଣନା କରିଛନ୍ତି ଯେ ମୋ ଝିଅ ଜୈନବ ବେଗମ୍ ମୋତେ କହିଛନ୍ତି ଯେ ଥରେ ଯେବେ ହଜୁର ଆ ସ ସିଆଲକୋଟ ଯାଇଥିଲେ,ମୁଁ ରୟାରୁ ଯାଇ ତାଙ୍କ ସେବାରେ ଉପସ୍ଥିତ ହେଲି । ସେ ସମୟରେ ମୋତେ ମିରାକ (ଅର୍ଥାତ ଅପସ୍ମାର ରୋଗ)ର ଭୟଙ୍କର ଆକ୍ରମଣ ଥିଲା । ମୁଁ ଲାଜ ଯୋଗୁଁ ହଜୁର ଅ ସଙ୍କୁ ଏ ବିଷୟରେ କହିପାରୁ ନଥିଲି । କିନ୍ତୁ ମୋ ମନ ଚାହୁଁଥିଲା ଯେ ମୋ ରୋଗ ବିଷୟରେ କିପରି ହଜୁର ଆ ସ ଜାଣି ଯାଆନ୍ତୁ ଯଦ୍ଦ୍ୱାରା ସେ ମୋ ପାଇଁ ଦୁଆ କରିବେ । ମୁଁ ହଜୁରଙ୍କ ସେବାରେ ଲାଗି ରହିଥିଲି ଯେ ହଜୁର ନିଜର ଶୁଦ୍ଧ ମନ ଯୋଗୁଁ ନିଜେ ଏ ବିଷୟରେ ଜାଣି କହିଲେ ହେ ଜୈନବ ! ତୁମକୁ ଅପସ୍ମାର ରୋଗ ଅଛି । ମୁଁ ଦୁଆ କରିବି । ତୁମେ କିଛି ବ୍ୟାୟାମ କର ଏବଂ ଖାଲି ପାଦରେ ଚାଲ, କିନ୍ତୁ ମୁଁ ଗୋଟିଏ ପାହୁଣ୍ଡ ବି ପାଦରେ ଚାଲିବାକୁ ଅସମର୍ଥ ଥିଲି । ଚାଲିପାରୁ ନଥିଲି । ଯଦି ଦୁଇ ଚାରି ପାଦ ବି ଚାଲୁଥିଲି,ସେତେବେଳେ ସେହି ଅପସ୍ମାର ରୋଗର ଆକ୍ରମଣ ବହୁତ ଦ୍ରୁତ ହୋଇ ଯାଉଥିଲା । ମୋ ଘର ହଜୁରଙ୍କ ଆବାସ ସ୍ଥଳୀଠାରୁ ପ୍ରାୟ ଏକ ମାଇଲ ଦୂରତାରେ ଥିଲା ତେଣୁ ମୁଁ ମୋ ଘରକୁ ଯିବା ପାଇଁ ଟାଙ୍ଗା ଗାଡି ଖୋଜିଲି କିନ୍ତୁ ମୋତେ ମିଳିଲା ନାହିଁ । ତେଣୁ ବାଧ୍ୟ ହୋଇ ମୋତେ ପାଦରେ ଚାଲି ଚାଲି ଯିବାକୁ ପଡିଲା । ଏପରି ପାଦରେ ଚାଲିବା ମୋତେ ବହୁତ କଷ୍ଟ ଏବଂ ଅସୁବିଧା ହେଉଥିଲା । କିନ୍ତୁ ଅଲ୍ଲାଃତାଲାଙ୍କ ଚମତ୍କାର ଦେଖନ୍ତୁ ଯେ ମୁଁ ଯେତେ ମାତ୍ରାରେ ପାଦରେ ଚାଲି ଚାଲି ଯାଉଥିଲି ମୋତେ ଆରାମ ମିଳିଚାଲିଥିଲା । ଏପରି କି ଦ୍ୱିତୀୟ ଦିନ ମୁଁ ପୁଣି ପାଦରେ ଚାଲି ଚାଲି ହଜୁର ଅ ସଙ୍କୁ ଦେଖା କରିବାକୁ ଆସିଲି । ମୋ ଅପସ୍ମାର ରୋଗ ଭଲ ହୋଇଗଲା ଏବଂ ମୋତେ ସମ୍ପୂର୍ଣ୍ଣ ରୂପେ ଆରାମ ମିଳିଗଲା । ସୁବହାନଲ୍ଲାଃ (ଅଲ୍ଲାଃ ହେଉଛନ୍ତି ପବିତ୍ର) । ମୁହମ୍ମଦ ସ ଅ ସଙ୍କ ମସିହଙ୍କର କି ବୈଭବ !

***(ସିରତୁଲ ମେହେଦୀ,ଲେଖକ ହଜରତ ମିର୍ଜା ବଶୀର ଅହେମଦ ସାହେବ ର ଅ ରିୱାୟତ ନଂ-୯୧୭)***

ହଜରତ ମିଆଁ ଫୟାଜ ଅଲୀ ସାହେବ କପୁର ଥଲୱି ର ଅ ଙ୍କର ଗୋଟିଏ ରିୱାୟତ (ବର୍ଣ୍ଣନା) ମୁଁ ଏଠାରେ ବର୍ଣ୍ଣନା କରୁଅଛି, ଯେଉଁଥିରୁ ଜଣା ପଡୁଛି ଯେ ଏହି ଦୁଆ

ଗ୍ରହଣୀୟ ହେବା ଏବଂ ଏହି ଆରୋଗ୍ୟ ଲାଭ କରିବାର ଚମତ୍କାରିତା ହଜରତ ମସିହ ମଉଦ ଅ ସଙ୍କ ପରେ ଖିଲାଫତେ ଅହେମଦୀୟାରେ ମଧ୍ୟ ଜାରି ରହିଛି । ସେ ବର୍ଣ୍ଣନା କରିଛନ୍ତି ଯେ ମୋର ଜଣେ ପୁଅକୁ ଅପସ୍ମାର ରୋଗ ଥିଲା । ବହୁତ କିଛି ଚିକିତ୍ସା କଲି କିନ୍ତୁ ପ୍ରତ୍ୟେକ ସ୍ଥାନରୁ ନିରାଶ ହୋଇଥିଲି । କାଦିଆନରେ ମୌଲାନା ନୁରୁଦ୍ଦୀନ ସାହେବ ଖଲିଫତୁଲ ମସିହ ପ୍ରଥମ ର ଅଙ୍କ ନିକଟରେ ପୁଅର ମାଆ ସହିତ ପୁଅକୁ ପଠାଯାଇଥିଲା । କିନ୍ତୁ କୌଣସି ଉପସମ ଲାଘବ ହେଲା ନାହିଁ । ଅର୍ଥାତ କୌଣସି ସୁଫଳ ମିଳିଲା ନାହିଁ । ଏବଂ ପିଲାର ମାଆ ନିରାଶ ହୋଇ ଘରକୁ ଫେରିବାକୁ ଲାଗିଲେ । ସେ ସମୟରେ ହଜରତ ଉମ୍ମୁଲ ମୁମିନିନ ର ଅ ଙ୍କ ଘରେ ସେ ରହୁଥିଲେ । ହଜରତ ଉମ୍ମୁଲ ମୁମିନିନ ର ଅ ପୁଅର ମାଆଙ୍କୁ କହିଲେ ଯେ ଟିକିଏ ରହିଯାଅ ଆମେ ଦୁଆ କରିବୁ । ଅତେବ ସେ ପ୍ରାୟ ଦୁଇ ଘଂଟା କାଳ ପିଲାର ଆରୋଗ୍ୟ ନିମନ୍ତେ ସିଜଦାରେ ପଡି ରହିଲେ । ତାଙ୍କ ଆଖିରୁ ଲୁହ ବହିଚାଲିଥିଲା । ରାତିରେ ପିଲାର ମାଆ ସ୍ୱପ୍ନରେ ଦେଖିଲେ ଯେ ଚନ୍ଦ୍ର ରାତି ହୋଇଛି  ଆଉ ମୁଁ ଅପସ୍ମାର ରୋଗରେ ପିଡିତ ଅଛି । ହଜରତ ମସିହ ମଉଦ ଆ ସ ବୟତୁଲ ଦୁଆ (ଅର୍ଥାତ ହଜରତ ମସିହ ମଉଦ ଆ ସ ଦୁଆ କରିବା ନିମନ୍ତେ ଯେଉଁ କୋଠରୀ ନିର୍ମାଣ କରିଥିଲେ)ସେହି ବୟତୁଲ ଦୁଆର ଝରକା ପଟୁ ଆସିଲେ ଏବଂ ମୋତେ ଦେଖି ପଚାରିଲେ ଯେ ତୁମେ କେମିତି ଅଛ ? ମୁଁ କହିଲି ହଜୁର ଆପଣ ସ୍ୱୟଂ ଦେଖି ନିଅନ୍ତୁ । ଏଥିରେ ହଜରତ ମସିହ ମଉଦ ଅ ସ ମୋ ମୁଣ୍ଡରେ ହାତ ରଖିଲେ ଏବଂ କହିଲେ ଯେ ବ୍ୟସ୍ତ ହୁଅନାହିଁ ତୁମକୁ ଆରାମ ମିଳିଯିବ । ତା'ପରେ ତାଙ୍କ ମାଆ ପୁଅକୁ ଧରି ଘରକୁ ଫେରିଲେ । ପୁଣି ମୁଁ  ପିଲାଟିକୁ ବଡ ବଡ ପ୍ରସିଦ୍ଧ ଡାକ୍ତର ଏବଂ ଚିକିତ୍ସକମାନଙ୍କ ଦ୍ୱାରା ପୁଅର ଚିକିତ୍ସା କରିଚାଲିଲି । ପରିଶେଷରେ ପାହାଡିଆ କସବା ଜିଲ୍ଲା ମେରଠରେ ଜଣେ ଡାକ୍ତରଙ୍କ ନିକଟକୁ ଗଲି । ସେ ଔଷଧ ଲେଖି ଦେଲେ । ରାତିରେ ସେ ନିଜ ସାମ୍ନାରେ ଔଷଧ ଖୁଆଇବାକୁ ଦେଲେ।  ସେତେବେଳେ ପୁଅକୁ ଅପସ୍ମାରର ଭୟଙ୍କର ଦଉରା ପଡ଼ିଥିଲା । ଡ଼ାକ୍ତର ନିଜ ଘରେ ଯାଇ ଶୋଇ ପଡିଲେ । ଆମେ ଦୁହେଁ ବାହାରେ ପୁରୁଷମାନଙ୍କ ପାଇଁ ଥିବା ଆଶ୍ରୟ ସ୍ଥଳୀରେ ଶୋଇ ପଡିଲୁ । ସକାଳ ହେଲା,ନମାଜ ପଢିଲୁ। ଡାକ୍ତର ବି ଘରୁ ବାହାରକୁ ବାହାରିଲେ । ଡାକ୍ତର ପଚାରିଲେ ଯେ ରାତିରେ ମୁଁ ଗୋଟିଏ ସ୍ୱପ୍ନ ଦେଖିଲି ଯେ ମୋ ହାତରେ ଗୋଟିଏ ପୁସ୍ତକ ଦିଆଯାଇଅଛି । ଯେବେ ମୁଁ ସେହି ପୁସ୍ତକଟିକୁ ଖୋଲିଲି,ତାହାର ଆରମ୍ଭରେ ଏକଥା ଲେଖାଯାଇଥିଲା ଯେ ଏହି ରୋଗର ପ୍ରତିକାର ହେଉଛି ତେନ୍ତୁଳି । ଛଅ ସାତ ଧାଡିରେ କେବଳ ଏହା ଲେଖାଥିଲା ଯେ ଏହି ରୋଗର ଉପଚାର ତେନ୍ତୁଳି ବ୍ୟତୀତ ଆଉ କିଛି ନୁହେଁ। ଡାକ୍ତର କହିଲେ ଯେ ନା ତ ମୁଁ ରୋଗକୁ ବୁଝିଲି ଓ ନା ମୁଁ ତାହାର ଉପଚାର କୁ ବୁଝିଲି । ମୁଁ ତୁମକୁ ମୋର ସ୍ୱପ୍ନ ଶୁଣାଇଦେଲି । ମୁଁ ଡାକ୍ତରଙ୍କର ଏହି ସ୍ୱପ୍ନକୁ ହଜରତ ମସିହ ମଉଦ ଆ ସଙ୍କ ସୁସମାଚାର ବାଣୀ ମୁତାବକ ଅଲ୍ଲାଃଙ୍କ ତରଫରୁ ଏକ ଐଶିବାଣୀ ବୋଲି ବିବେଚନା କଲି ଏବଂ ପଅକୁ ସାଙ୍ଗରେ ଧରି ଘରକୁ ଫେରିଲି । ତେନ୍ତୁଳିର ବ୍ୟବହାର ଆରମ୍ଭ କରିଦେଲି । ରାତିରେ ଚାରି ଭରି ପାଣିରେ ଭିଜାଇ ଦେଉଥିଲି ଓ ସକାଳେ ତାକୁ ଛାଣି ଦୁଇ ଭରି ମିଶରି ସହିତ ମିଶାଇ ପୁଅକୁ ପିଆଇ ଦେଉଥିଲି । ଦୁଇ ସପ୍ତାହ ମଧ୍ୟରେ ସେହି ରୋଗରୁ ପୁଅ ଆରୋଗ୍ୟ ଲାଭ କଲା । ବର୍ତମାନ ଅଲ୍ଲାଃଙ୍କ କୃପାରୁ ସେ ଜଣେ ଗ୍ରାଜୁଏଟ୍ ଏବଂ ଗୋଟିଏ ବଡ ଭଲ ପଦବୀରେ ଅଛି । ***(ସିରତୁଲ ମେହେଦୀ,ଲେଖକ ହଜରତ ମିର୍ଜା ବଶୀର ଅହେମଦ ସାହେବ ର ଅ ରିୱାୟତ ନଂ-୯୮୧)***

ହଜରତ ଡ଼ାକ୍ତର ସୟଦ ଅବ୍ଦୁଲ ସତତାର ଶାହ୍ ସାହେବ ର ଅ ବର୍ଣ୍ଣନା କରିଛନ୍ତି ଯେ,ଯେବେ ମୁଁ ହଜରତ୍ ମସିହ ମଉଦ ଆ ସ ଙ୍କ ବୟତ କରିବା ପରେ ପୁନର୍ବାର ମୁଁ ମୋ କାର୍ଯ୍ୟକ୍ଷେତ୍ରକୁ ଫେରିଲି,ସେତେବେଳେ କିଛି ସମୟ ପାଇଁ ମୁଁ ମୋ ବୟତକୁ ଗୋପନ ରଖିଲି।  କାରଣ ସେଠାରେ ବହୁତ ବିରୋଧ ହେଉଥିଲା ଏବଂ ସେଠାରେ ମୋତେ ମାନିବା ଲୋକେ ବହୁତ ଥିଲେ । ସେଥିପାଇଁ କିଛିଟା ଦୁର୍ବଳତା ଦେଖାଇଲି । ଏପରିକି ମୁଁ ମୋ ଘର ଲୋକମାନଙ୍କୁ ମଧ୍ୟ ଏ ବିଷୟରେ କିଛି ଚର୍ଚ୍ଚା କରିନଥିଲି । କିନ୍ତୁ ଧିରେ ଧିରେ ଏହି କଥା ପ୍ରକାଶ ହୋଇଗଲା ଫଳତଃ କିଛି ଲୋକେ ମୋତେ ବିରୋଧ କରିବାକୁ ଲାଗିଲେ । କିନ୍ତୁ ସେମାନେ କିଛି କ୍ଷତି କରିପାରିଲେ ନାହିଁ । ମୋ ଘର ଲୋକମାନେ କହିଲେ ଯେ ତୁମେ ଏବେ ତ ବୟତ କରିସାରିଛ କିନ୍ତୁ ତୁମର ପ୍ରଥମ ପୀର ଏବେ ଜୀବିତ ଅଛନ୍ତି ,ସେ କ୍ରୋଧିତ ହୋଇ ତୁମକୁ ଅଭିଷାପ ଦେବେ । ସେ ଆମ ଘରକୁ ସବୁବେଳେ ଯିବା ଆସିବା କରୁଥିଲେ। ମୁଁ କହିଲି ଯେ ମୁଁ ଅଲ୍ଲାଃତାଲାଙ୍କ ପ୍ରସନ୍ନତା ପ୍ରାପ୍ତ କରିବା ପାଇଁ ବୟତ କରିଛି,ଏବଂ ଯାହାଙ୍କ ହାତରେ ବୟତ କରିଛି,ସେ ହେଉଛନ୍ତି ମସିହ ଓ ମେହେଦୀ । ବାକି ଅନ୍ୟମାନେ କେତେ ବି ପୂଣ୍ୟବନ୍ତ ବା ୱଲିଉଲ୍ଲାଃ ହୋଇ ଥାଆନ୍ତୁ ନା କାହିଁକି ସେ ତାଙ୍କ (ଅର୍ଥାତ ହଜରତ ମସିହ ମଉଦ ଆ ସଙ୍କ) ସ୍ତରକୁ ପହଂଚି ପାରିବେ ନାହିଁ । ତେଣୁ ତାଙ୍କ(ଅର୍ଥାତ ପ୍ରଥମ ପୀରଙ୍କ) ଅଭିଷାପ କିଛି କାମ କରିବ ନାହିଁ । କିଛି ପ୍ରଭାବ ପକାଇବ ନାହିଁ । କାରଣ ଅଲଆମାଲୁ ବିନ ନିୟାତ । ମୁଁ ଅଲ୍ଲାଃତାଲାଙ୍କୁ ଖୁସି କରାଇବା ପାଇଁ ଏହି କାମ କରିଛି । ମୋ ନିଜର ଉଦ୍ଦେଶ୍ୟକୁ ପାଇବା ପାଇଁ ଅର୍ଥାତ ମୋ ନିଜରନ କୌଣସି ସ୍ୱାର୍ଥ ଯୋଗୁଁ  ଏହା କରିନାହିଁ । ଅତେବ ମୋର ସେହି ମୁରଶଦ (ମୋର ସେହି ପୀର) କିଛି ଦିନ ପରେ ପୂର୍ବବତ ମୋ ନିକଟକୁ ଆସିଲେ ଏବଂ ସେ ମୋ ବୟତ ବିଷୟରେ ଜାଣି ମୋତେ କହିଲେ ଯେ ତୁମେ ଏହା ଠିକ କଲ ନାହିଁ । ଯେବେ ତୁମର ମୁରଶଦ ଉପସ୍ଥିତ ଅଛନ୍ତି ତୁମେ ତାକୁ ଛାଡି ଏକାମ କାହିଁକି କଲ ? ତୁମେ ତାଙ୍କ ନିକଟରେ କ'ଣ ଏପରି ଚମତ୍କାର ଦେଖିଲ ? ମୁଁ କହିଲି ଯେ ମୁଁ ତାଙ୍କର ଏ ଚମତ୍କାର ଦେଖିଛି ଯେ ତାଙ୍କ ବୟତ କରିବା ପରେ ମୋ ଭିତରେ ଥିବା ଆଧ୍ୟାତ୍ମିକ ରୋଗଗୁଡିକ ଅଲ୍ଲାଃଙ୍କ କୃପାରୁ ଦୂର ହୋଇଯାଇଛି ଏବଂ ମୋ ହୃଦୟ/ମନକୁ ସାନ୍ତ୍ୱନା ଏବଂ ସନ୍ତୋଷ ପ୍ରାପ୍ତ ହୋଇଛି । ଏଥିରେ ସେ କହିଲେ ଯେ ମୁଁ ବି ତାଙ୍କର ସେହି ଚମତ୍କାରକୁ ଦେଖିବାକୁ ଚାହୁଁଛି ଯେ ଯଦି ତୁମ ପୁଅ ୱଲିଉଲ୍ଲାଃ ତାଙ୍କ ଦୁଆ (ଅର୍ଥାତ ହଜରତ ମସିହ ମଉଦ ଅ ସଙ୍କ ଦୁଆ)ଯୋଗୁଁ ଭଲ ହୋଇଯିବ ତା'ହେଲେ ମୁଁ ବୁଝିନେବି ଯେ ତୁମେ ଜଣେ ପୂର୍ଣ୍ଣ ମୁରଶଦ (ଅର୍ଥାତ ତୁମେ ଜଣେ ସିଦ୍ଧ ପୀର)ଙ୍କ ବୟତ କରିଅଛ ଏବଂ ତାହାଙ୍କ ଦାବି ସତ୍ୟ ଅଟେ । ସେତେବେଳେ ମୋ ପୁଅ  ୱଲିଉଲ୍ଲାଃର ଗୋଡଟି ଆଘାତ ଲାଗିବା ଯୋଗୁଁ ଶୁଖିଯାଇଥିଲା ଏବଂ ସେ ଚାଲିବାକୁ ଅସମର୍ଥ ଥିଲା । ସେ ନିଜ କାଖରେ ଗୋଟିଏ ବାଡି ରଖୁଥିଲା ଏବଂ ସେହି ବାଡି ସାହାଯ୍ୟରେ ଚାଲୁଥିଲା । ଅଧିକାଂଶ ସମୟ ସେ ପଡିଯାଉଥିଲା । ଏହି କଥାକୁ ଅଳ୍ପ ଦିନ ବିତିଥିଲା କି ନାହିଁ ଯେ ପୂର୍ବରୁ ତାକୁ ଅନେକ ଡାକ୍ତର ଏବଂ ସିଭିଲ ସର୍ଜନ ଚିକିତ୍ସା କରିବା ସତ୍ତ୍ୱେ ମଧ୍ୟ କିଛି ସୁଫଳ ମିଳି ନଥିଲା । ସଂଯୋଗ ବଶତଃ ଜଣେ ସିଭିଲ ସର୍ଜନ ସିଆଲକୋଟ ଆସିଲେ । ତାଙ୍କ ନାମ ଥିଲା ମେଜର ହୈଗୁ । ସେ ରୟା ଡ଼ାକ୍ତର ଖାନାକୁ ନିରିକ୍ଷଣ କରିବାକୁ ଆସିଲେ । ମୁଁ ୱଲିଉଲ୍ଲାଃକୁ ନେଇ ତାଙ୍କୁ ଦେଖାଇଲି । ସେ କହିଲେ ଯେ ଏହା ଚିକିତ୍ସା କଲେ ଠିକ ହୋଇଯାଇ ପାରିବା କିନ୍ତୁ ତିନି ଥର ଅପରେଶନ କରିବାକୁ ହେବ । ଅତେବ ସେ ଥରେ ସିଆଲକୋଟରେ ଅପରେଶନ କଲେ ଏବଂ ଦୁଇଥର ରୟା ଡ଼ାକ୍ତରଖାନାରେ,ଯେଉଁଠାରେ ମୁଁ ମୃତୟନ ଥିଲି,ସେଠାରେ ଅପରେଶନ କଲେ । ଏପଟେ ମୁଁ ହଜରତ ସାହେବଙ୍କ ନିକଟକୁ ଦୁଆ କରିବା ପାଇଁ ମଧ୍ୟ ଚିଠି ଲେଖିଦେଲି । ଅଲ୍ଲାଃଙ୍କ କୃପାରୁ ସେ ସମ୍ପୂର୍ଣ୍ଣ ରୁପେ ଠିକ ହୋଇଗଲା ଏବଂ ଏବେ ତାକୁ ଲାଠି ଧରି ଚାଲିବାର କିଛି ଆବଶ୍ୟକତା ନାହିଁ । ତାପରେ ମୁଁ ସେହି ବୁଜୁର୍ଗଙ୍କୁ କହିଲି ଯେ ଦେଖନ୍ତୁ ଅଲ୍ଲାଃଙ୍କ କୃପାରୁ ହଜରତ ସାହେବଙ୍କ ଦୁଆ କିପରି ଗ୍ରହଣୀୟ ହେଲା । ସେ କହିଲେ ଯେ ଏହା ତ ଚିକିତ୍ସା ଦ୍ୱାରା ହେଲା । ମୁଁ କହିଲି ଯେ ଚିକିତ୍ସା ତ ପୂର୍ବରୁ ବି କରାଯାଇଥିଲା କିନ୍ତୁ ଏହି ଚିକିତ୍ସାରେ  ଆରୋଗ୍ୟ କେବଳ ଦୁଆ ଜରିଆରେ ହିଁ ହୋଇଛି । ***(ସିରତୁଲ ମେହେଦୀ,ଲେଖକ ହଜରତ ମିର୍ଜା ବଶୀର ଅହେମଦ ସାହେବ ର ଅ ରିୱାୟତ ନଂ-୯୨୬)***

ତାଉନ (ପ୍ଲେଗ ମହାମାରୀ) ରୁ ଅସୁସ୍ଥ ଶିଶୁର ଆରୋଗ୍ୟ

ବାବୁ ଫଖରଦ୍ଦୀନ ସାହେବଙ୍କ ପତ୍ନି ବର୍ଣ୍ଣନା କରିଛନ୍ତି ଯେ ଥରକର ଘଟଣା ମୁଁ ମୋ ନିଜ ମାତୃଭୂମିରେ ଥିଲି ଯେ ମୋ ପୁଅ ଇସହାକ ଯାହାର ବୟସ ସେତେବେଳେ ଦୁଇ ବର୍ଷ ହୋଇଥିଲା,ତା ଦିହରେ ଦୁଇଟି ଗିଲଟି ତାଉନ ମହାମାରୀର ଦେଖାଦେଲା । ସେହି ଦିନମାନଙ୍କରେ ଏହି ବେମାରୀ ବହୁତ ବ୍ୟାପି ଯାଇଥିଲା । ଆମେ ବହୁତ ବ୍ୟସ୍ତ ହୋଇପଡିଲୁ ଏବଂ ହଜରତ ମସିହ ମଉଦ ଆ ସଙ୍କ ସେବାରେ ଦୁଆ କରିବା ପାଇଁ ଚିଠି ଲେଖିଲୁ । ପିଲାଟି ଭଲ ହୋଇଗଲା । ଏକ ମାସ ପରେ ମୁଁ ତାକୁ ସାଙ୍ଗରେ ଧରି କାଦିଆନ ଗଲି ଏବଂ  ତାକୁ ହଜୁର ଅ ସଙ୍କ ସମ୍ମୁଖରେ ଉପସ୍ଥାପନ କରିଦେଲି ଯେ ଇଏ ହେଉଛି ସେହି ପିଲା ଯାହା ଦିହରେ ତାଉନର ଲକ୍ଷଣ ବାହାରି ଆସିଥିଲା । ହଜୁର ଆ ସ ସେତେବେଳେ ଶୋଇଥିଲେ । ଶୁଣିବ ମାତ୍ରେ ଉଠି ବସିଲେ ଏବଂ କହିଲେ ଯେ "ଏହି ଛୋଟିଆ ପିଲାଟିକୁ ସେହି ଏପରି ଗିଲଟି ବାହାରି ପଡିଥିଲା ?''ଏବେ ଅଲ୍ଲାଃଙ୍କ କୃପାରୁ ସେହି ପିଲାଟି ଯୁବକ ଏବଂ ସ୍ୱାସ୍ଥ୍ୟବାନ ଅଛି । ***(ସିରତୁଲ ମେହେଦୀ,ଲେଖକ ହଜରତ ମିର୍ଜା ବଶୀର ଅହେମଦ ସାହେବ ର ଅ ରିୱାୟତ ନଂ-୯୨୬)***

ପ୍ରିୟ ଶ୍ରୋତାଗଣ ! ଏବେ ମୁଁ ସୟଦନା ହଜରତ ମସିହ ମଉଦ ଆ ସ ଙ୍କ ଦୁଆ ଗ୍ରହଣୀୟ ହେବାର ଆଉ ଏକ ଚମତ୍କାର ଘଟଣା ବିଷୟରେ ବର୍ଣ୍ଣନା କରୁଅଛି । ଯାହାର ଦୃଷ୍ଟାନ୍ତ ଏପର୍ଯ୍ୟନ୍ତ ଦୁନିଆରେ ଦେଖିବାକୁ ମିଳେନାହିଁ । ଏ ସଂସାରବାସୀ କେବେ ଏହା ଦେଖିନାହାନ୍ତି ଯେ ଯଦି କାହାକୁ ପାଗଳା କୁକୁର କାମୁଡ଼ି ଥିବ ଏବଂ ତାକୁ ଜଳାତ୍ମକ ରୋଗର ଲକ୍ଷଣ (ପାଗଳାପଣ) ବାହାର ପଡିଥିବ,ଆଜି ପର୍ଯ୍ୟନ୍ତ ଏପରି କୌଣସି ବ୍ୟକ୍ତି ସେହି ରୋଗରୁ ଆରୋଗ୍ୟ ହୋଇଥିବ । କିନ୍ତୁ ମୁହମ୍ମଦଙ୍କ ମସିହଙ୍କ ଦୁଆ (ପ୍ରାର୍ଥନା)ର ଏ ଚମତ୍କାର ପ୍ରଭାବ ଥିଲା ଯେ ତାଙ୍କ ଦୁଆ ଯୋଗୁଁ ଏପରି ରୋଗି ମଧ୍ୟ ଆରୋଗ୍ୟ ଲାଭ କଲା ।

ଯଦିଓ ଏହି ରିୱାୟତ ସିରତୁଲ ମେହେଦୀରେ ଉଲ୍ଲେଖ କରାଯାଇଥିବା ରିୱାୟତ ନଂ ୧୨୨୧ ଅନ୍ତର୍ଗତ ହଜରତ ମୀର ଅବ୍ଦୁର ରହମାନ୍ ସାହେବ ର ଅ ରେଞ୍ଜ ଅଫିସର ବାରାମୁଲା କାଶ୍ମୀରୀଙ୍କ ରିଫରେନ୍ସରୁ ଉଦ୍ଧୃତ କରାଯାଇଅଛି,କିନ୍ତୁ ମୁଁ ଏହାକୁ ଠିକ ଭାବୁଛି ଯେ ଦୁଆ ଗ୍ରହଣୀୟ ହେବାର ଏହି ମହାନ ତଥା ଅଦ୍ୱିତୀୟ ଘଟଣାକୁ ହଜରତ ମସିହ ମଉଦ ଆ ସଙ୍କ ଶବ୍ଦରେ ବର୍ଣ୍ଣନା କରାଯିବ ଉଚିତ ।  ହଜରତ ମସିହ ମଉଦ ଆ ସ କହଛନ୍ତି :

"ଆଜିକାଲି ଯେଉଁ ପଂଚମ ନିଦର୍ଶନ/ ଲକ୍ଷଣ/ ସଂକେତ ପ୍ରକାଶ ହୋଇଛି,ତାହା ହେଉଛି ଗୋଟିଏ ଦୁଆ ଗ୍ରହଣୀୟ ହେବାର ବିଷୟ । ଯାହା ବାସ୍ତବିକ ଅହୟାଏ ମୋତିରେ ଅନ୍ତର୍ଭୂକ୍ତ । ଏହାର ସାରାଂଶ ବିବରଣୀ ହେଉଛି ଏହା କି ଅବ୍ଦୁଲ କରିମ

**ଏହି ସଂଖ୍ୟାରେ ଓଡ଼ିଆ ଡ଼ି.ଟି.ପି ଜନିତ କେତେଗୋଟି ଅସଲ ଅକ୍ଷର ସଠିକ ଲେଖା ହୋଇପାରି ନାହିଁ । ଉଦାହରଣ ସ୍ୱରୂପ ଦ୍ୱିତୀୟ ତ, ଅଂଚ,ଅଂଟ । ପାଠକ ପାଠିକାମାନଙ୍କୁ ଅନୁରୋଧ ଉକ୍ତ ଶବ୍ଦଗୁଡ଼ିକୁ ସଠିକ ପଢିନେବେ ।**

ପିତା ଅବ୍ଦୁର ରହମାନ ସାକିନ ହାଇଦ୍ରାବାଦ ଦକ୍ଷିଣ । ଆମ ମଦର୍ସାରେ ଗୋଟିଏ ପିଲା ଶିକ୍ଷା ଗ୍ରହଣ କରୁଛି । ଭାଗ୍ୟର ବିଡମ୍ବନା ଯେ ତାକୁ ପାଗଳା କୁକୁର କାମୁଡ଼ି ଦେଲା । ଆମେ ତାର ଚିକିତ୍ସା ପାଇଁ ତାକୁ କସୋଲି ପଠାଇ ଦେଲୁ । କିଛି ଦିନ ପର୍ଯ୍ୟନ୍ତ କସୋଲିଠାରେ ତାର ଚିକିତ୍ସା ଚାଲିଲା । ପୁଣି ସେ କାଦିଆନ ଫେରିଲା । ଅଳ୍ପ ଦିନ ଯାଇ ଥିଲା କି ନାହିଁ ତାଠାରେ ସେହି ଜଳାତଙ୍କ ରୋଗର ଲକ୍ଷଣ ପୁଣି ଦେଖାଦେଲା,ଯାହା ପାଗଳା କୁକୁର କାମୁଡିବା ଦ୍ୱାରା ହିଁ ପ୍ରକାଶ ହୋଇଥାଏ । ସେ ପାଣିକୁ ଡ଼ରିବାକୁ ଲାଗିଲା ଏବଂ ତା ଦିହରେ ଅତ୍ୟନ୍ତ ଭୟଙ୍କର ଅବସ୍ଥା ସୃଷ୍ଟି ହୋଇଗଲା । ତା'ପରେ ସେହି ପରଦେଶୀ ପିଲାଟି ପାଇଁ ମୋ ମନରେ ଭିଷଣ ଧ୍ୟାନ ଜନ୍ମ ହେଲା ଏବଂ ଦୁଆ କରିବା ପାଇଁ ବିଶେଷ ଧ୍ୟାନ ସୃଷ୍ଟି ହୋଇଗଲା ।

ସମସ୍ତେ ଏହା ଭାବୁଥିଲେ ଯେ ଏହି ବିଚାରା ପିଲାଟି କିଛି ଘଂଟା ମଧ୍ୟରେ ହିଁ ମରିଯିବ । ଅନ୍ୟ କୌଣସି ଉପାୟ ନପାଇ ତାକୁ ବୋଡ଼ିଂ ହାଉସରୁ ବାହାର କରି ଗୋଟିଏ ଅଲଗା ଘରେ ସବୁ ପ୍ରକାରର ସତର୍କତା ଅବଲମ୍ବନ କରି ରଖାଗଲା ଏବଂ କସୋଲିର ଇଂଗ୍ରେଜ ଡାକ୍ତରଙ୍କ ନିକଟକୁ ଟେଲିଗ୍ରାମ ପଠାଯାଇ ପରାମର୍ଶ ଲୋଡ଼ା ଗଲା ଯେ ଏପରି ଅବସ୍ଥାରେ ଏହାର କ'ଣ ପ୍ରତିକାର /ଚିକିତ୍ସା କରାଯାଇ ପାରିବ । ସେପଟୁ ଟେଲିଗ୍ରାମ ଜରିଆରେ ଏ ଉତର ମିଳିଲା ଯେ ଏବେ ଏହାର ଆଉ କିଛି ବି ପ୍ରତିକାର /ଚିକିତ୍ସା ନାହିଁ କିନ୍ତୁ ସେହି ଗରିବ ତଥା ଦେଶ ବିଦେଶୀ ପିଲାଟି ପାଇଁ ମୋ ମନରେ ବହୁତ ଧ୍ୟାନ ସୃଷ୍ଟି ହେଲା ଏବଂ ମୋ ବନ୍ଧୁମାନେ ବି ମୋତେ ସେହି ପିଲାଟି ପାଇଁ ଦୁଆ କରିବାକୁ ବହୁତ ଅନୁରୋଧ କଲେ । କାରଣ ଏପରି ଦାରିଦ୍ର୍ୟ ଅବସ୍ଥାରେ ସେହି ପିଲାଟି ଦୟାର ପାତ୍ର ଥିଲା । ପୁଣି ମୋ ମନରେ ଏହି ଭାବନା / ଏ ଭୟ ସୃଷ୍ଟି ହେଲା ଯେ ଯଦି ସେ ମରିଯାଏ ତା'ହେଲେ ତାର ମୃତ୍ୟୁ ଶତୃମାନଙ୍କ ପାଇଁ ଏକ ପ୍ରକାରର ଖୁସି ସାବସ୍ତ୍ୟ ହେବ । ତାପରେ ମୋ ମନରେ ତା'ପାଇଁ ପ୍ରବଳ ଯନ୍ତ୍ରଣା ଏବଂ ଅସ୍ଥିରତା ଅନୁଭବ ହେଲା ଏବଂ ଏକ ଅସାଧାରଣ ଧ୍ୟାନ ସୃଷ୍ଟି ହେଲା ଯାହା ନିଜର ଅକ୍ତିଆର (ଅର୍ଥାତ ନିଜ ନିୟନ୍ତ୍ରଣ) ରେ ନଥିଲା,ବରଂ କେବଳ ଅଲ୍ଲାଃତାଲାଙ୍କ ତରଫରୁ ସୃଷ୍ଟି ହୋଇଥାଏ । ଯଦି ଏହା ସୃଷ୍ଟି ହୋଇଯାଏ,ତାହେଲେ ଅଲ୍ଲାଃଙ୍କ ଅନୁମତି କ୍ରମେ ତାହା ପ୍ରଭାବ ଦେଖାଇଥାଏ । ଫଳତଃ ସମ୍ଭବତଃ ଏହା ଦ୍ୱାରା ମୃତ ବି ଜୀବନ ପାଇଯାଏ ।

ସୁତରାଂ ତା ପାଇଁ ଅଲ୍ଲାଃଙ୍କ ନିକଟରେ ଗ୍ରହଣୀୟ ହେବାର ଅବସ୍ଥା ଉପଲବ୍ଧ ହେଲା ଏବଂ ଯେତେବେଳେ ଏପରି ଧ୍ୟାନ (ଏପରି ଏକାଗ୍ରତା) ସୃଷ୍ଟି ହୋଇ ତାହାର ଚରମ ସୀମାରେ ପହଂଚିଗଲା ଏବଂ ବେଦନା ମୋ ହୃଦୟକୁ ସମ୍ପୂର୍ଣ୍ଣ ରୂପେ ନିୟନ୍ତ୍ରଣ କରିଗଲା ସେତେବେଳେ ସେହି ରୋଗ ଉପରେ,ଯାହା ବାସ୍ତବିକ ମୃତପ୍ରାୟ ଥିଲା, ତାହା ଉପରେ ଏହାର ପ୍ରଭାବ ପ୍ରକାଶ ହେବାକୁ ଆରମ୍ଭ ହୋଇଗଲା । ସେହି ପିଲାଟି, ଯିଏ ପାଣିକୁ ଭୟ କରୁଥିଲା ଏବଂ ଆଲୋକକୁ ଦେଖି ଦଉଡି ପଳାଉ ଥିଲା,ତାର ସ୍ୱାସ୍ଥ୍ୟ ହଠାତ୍ ଠିକ ହେବାକୁ ଲାଗିଲା । ଫଳତଃ ସେ କହିଲା ଯେ ଏବେ ମୋତେ ଜଳକୁ ଦେଖି ଭୟ ଲାଗୁନାହିଁ ତା'ପରେ ତାକୁ ଯେବେ ପାଣି ଦିଆଗଲା ସେ ତହାକୁ ବିନା କୌଣସି ଭୟରେ ପିଇ ଦେଲା ବରଂ ପାଣିରେ ଓ୍ୱଜୁ କରି ନମାଜ ବି ପଢିଲା । ସାରା ରାତି ସେ ଶୋଇଲା ଏବଂ ତା ନିକଟରେ ଯେଉଁ ଭୟଙ୍କର ତଥା ପାଶବିକ ଆଚରଣର ଲକ୍ଷଣ ଦେଖିବାକୁ ମିଳିଥିଲା,ତାହା ଶେଷ ହେବାକୁ ଲାଗିଲା । ଏପରିକି କିଛି ଦିନ ମଧ୍ୟରେ ସେ ସମ୍ପୂର୍ଣ୍ଣ ରୂପେ ସୁସ୍ଥ ହୋଇଗଲା । ***(ହକିକତୁଲ ଓ୍ୱହି,ରୁହାନୀ ଖଜାଇନ, ଖ-୨୨,ପୃ-୪୭୦-୪୭୧)(ବହଓ୍ୱାଲା ଖୁତବାତେ ମସରୁର,ଖ-୦୧,ପୃ-୧୨୪)***

ପ୍ରିୟ ଶ୍ରୋତାବନ୍ଧୁ ! ସେହି ବିଶେଷ ବ୍ୟକ୍ତିଙ୍କ ନାମ ଥିଲା ଅବ୍ଦୁଲ କରିମ ପିତା ଅବ୍ଦୁର ରହମାନ୍ । କର୍ଣ୍ଣାଟକ ପ୍ରଦେଶର ଏକ ଦେହାତି ଇଲାକା ତିମାପୁର ନିବାସୀ ଥିଲେ । ସେଠାରେ ଏବେ ଏକ ନିଷ୍ଠାବାନ ଜମାତ ରହିଛି ।

ପ୍ରିୟ ଶ୍ରୋତାବନ୍ଧୁ ! ସୟଦନା ହଜରତ ମସିହ ମଉଦ ଆ ସଙ୍କ ଦୁଆ ଗ୍ରହଣୀୟ ହେବାର ଘଟଣା ଏତେ ସଂଖ୍ୟକ ରହିଛି ଯେ ଏହି ସ୍ୱଳ୍ପ ସମୟ ମଧ୍ୟରେ ସେସବୁକୁ ବର୍ଣ୍ଣନା କରିବା ସମ୍ଭବ ନୁହେଁ । ସୟଦନା ହଜରତ ମସିହ ମଉଦ ଆ ସଙ୍କ ଦୁଆ ଜରିଆରେ ରୋଗୀମାନେ ଆରୋଗ୍ୟଲାଭ କରିଛନ୍ତି । ମୃତ୍ୟୁ ମୁଖରେ ପଡିଥିବା ଲୋକେ ପୁନର୍ବାର ଜୀବନ ପାଇଛନ୍ତି । ନିଃସନ୍ତାନ ମାନଙ୍କୁ ସନ୍ତାନ ପ୍ରାପ୍ତି ହୋଇଛି । କିନ୍ତୁ ଯେଉଁମାନେ ସନ୍ତାନ ପ୍ରାପ୍ତି କରିବା ପାଇଁ ସୟଦନା ହଜରତ ମସିହ ମଉଦ ଆ ସଙ୍କୁ ଦୁଆ କରିବା ପାଇଁ ଦରଖାସ୍ତ କରୁଥିଲେ ,ହଜୁର ସେମାନଙ୍କୁ ଏହା କହୁଥିଲେ ଯେ ହଜରତ ଜକରିୟା ଆ ସ ଙ୍କ ପରି ତୌବାଃ କରନ୍ତୁ ଏବଂ ପିଲାକୁ ଇସଲାମର ସେବା ପାଇଁ ଓ୍ୱକଫ୍(ଅର୍ଥାତ ଉତ୍ସର୍ଗ) କରନ୍ତୁ । ସୁତରାଂ ହଜରତ ମୁନଶୀ ଅତା ମୁହମ୍ମଦ ସାହେବ ପଟଓ୍ୱାରୀ ର ଅ ବର୍ଣ୍ଣନା କରନ୍ତି ଯେ ଯେବେ ମୁଁ ଗୈର ଅହେମଦୀ (ଅର୍ଥାତ ଅଣ ଅହେମଦୀ ମୁସଲମାନ) ଥିଲି ଏବଂ ଜିଲ୍ଲା ଗୁରଦାସପୁରର ନଜଓ୍ୱାଁଠାରେ ପଟଓ୍ୱାରୀ ଥିଲି,ସେତେବେଳେ କାଜି ନେମତୁଲ୍ଲାଃ ସାହେବ ଖତିବ ବଟାଲୁଓ୍ୱି ,ଯାହାଙ୍କ ସହିତ ମୋର ମିଳାମିଶା ଥିଲା,ସେ ମୋତେ ହଜରତ ସାହେବ (ଅର୍ଥାତ ହଜରତ ମସିହ ମଉଦ ଆ ସ)ଙ୍କ ସମ୍ବନ୍ଧରେ ବହୁତ ତବଲିଗ କରୁଥିଲେ । କିନ୍ତୁ ମୁଁ ସେଥିପ୍ରତି କର୍ଣ୍ଣପାତ କରୁନଥିଲି । ଦିନେ ସେ ମୋତେ ବହୁତ ହଇରାଣ କଲେ । ମୁଁ କହିଲି ତା'ହେଲେ ଠିକ ଅଛି ମୁଁ ତୁମ ମିର୍ଜା ସାହେବଙ୍କୁ ଚିଠି ଲେଖି ଗୋଟିଏ କଥା ବିଷୟରେ ଦୁଆ କରିବାକୁ କହୁଛି,ଯଦି ସେହି କାମ ହୋଇଯାଏ,ତେବେ ମୁଁ ବୁଝିନେବି ଯେ ସେ ହେଉଛନ୍ତି ସତ୍ୟବାଦୀ । ଅତେବ ମୁଁ ହଜରତ ସାହେବଙ୍କୁ ଚିଠି ଲେଖିଲି ଯେ ଆପଣ ମସିହ ମଉଦ ଏବଂ ଅଲ୍ଲାଃଙ୍କ ଓ୍ୱଲି ବୋଲି ଦାବି କରିଛନ୍ତି ଏବଂ ଅଲ୍ଲାଃଙ୍କ ଓ୍ୱଲିମାନଙ୍କ ଦୁଆ ଗ୍ରହଣୀୟ ହୋଇଥାଏ । ତେଣୁ ଆପଣ ମୋ ପାଇଁ ଦୁଆ କରନ୍ତୁ ଯେ ଅଲ୍ଲାଃତାଲା ମୋତେ ଗୋଟିଏ ସୁନ୍ଦର ଏବଂ ସିଦ୍ଧ ପୁତ୍ର ପ୍ରଦାନ କରନ୍ତୁ । ପୁଣି ସେହି ଚିଠି ତଳେ ମୁଁ ଲେଖିଲିଦେଲି ଯେ ମୋର ତିନି ଜଣ ପତ୍ନୀ ଅଛନ୍ତି କିନ୍ତୁ ଅନେକ ବର୍ଷ ହୋଇଗଲାଣି ଆଜି ପର୍ଯ୍ୟନ୍ତ କାହାଠାରୁ ବି ସନ୍ତାନ ଜନ୍ମ ହୋଇନାହିଁ । ମୁଁ ଚାହୁଁଛି ଯେ ବଡ ପତ୍ନୀଙ୍କ ଗର୍ଭରୁ ଏକ ପୁତ୍ର ସନ୍ତାନ ଜନ୍ମ ହେଉ । ହଜରତ ସାହେବଙ୍କ ତରଫରୁ ମୋତେ ମୌଲଓ୍ୱି ଅବ୍ଦୁଲ କରିମ ସାହେବ ମରହୁମଙ୍କର ହାତରେ ଲେଖାଯାଇଥିବା ଏକ ଚିଠି ମିଳିଲା ଯେ ଅଲ୍ଲାଃଙ୍କ ଦରବାରରେ ଦୁଆ କରାଗଲା । ଆପଣ ଯେଉଁ ପତ୍ନୀଙ୍କଠାରୁ ସନ୍ତାନ ପ୍ରାପ୍ତ କରିବାକୁ ଚାହୁଁଛନ୍ତି ସେହି ପତ୍ନୀଙ୍କ ଗର୍ଭରୁ ଅଲ୍ଲାଃତାଲା ଆପଣଙ୍କୁ ଏକ ସିଦ୍ଧ ପୁତ୍ର ପ୍ରଦାନ କରିବେ । କିନ୍ତୁ ସର୍ତଟି ହେଉଛି ଏହା କି ଆପଣ ଜକରିଆ ଆ ସଙ୍କ ପରି ତୌବାଃ କରିବେ । ମୁନଶୀ ଅତା ମୁହମ୍ମଦ ସାହେବ ବର୍ଣ୍ଣନା କରନ୍ତି ଯେ ମୁଁ ସେହି ଦିନଗୁଡ଼ିକରେ ବହୁତ ଧର୍ମହୀନ ଜୀବନଯାପନ କରି ଜଣେ ମଦ୍ୟପ ଭାବରେ ଜୀବନ ଅତିବାହିତ କରୁଥିଲି । ଅତଃ ମୁଁ ଯେବେ ମସଜିଦରେ ଯାଇ ମୁଲ୍ଲାଙ୍କୁ ପଚାରିଲି ଯେ ଜକରିଆ (ଆ ସ)ଙ୍କରି ତୌବାଃ କେମିତି ତୌବାଃ ଥିଲା ? ସେତେବେଳେ ଲୋକମାନେ ଆଶ୍ଚର୍ଯ୍ୟ ହେଲେ ଯେ ଏ ସଇତାନ ମସଜିଦକୁ କିପରି ଆସିଲା ? କିନ୍ତୁ ସେହି ମୁଲ୍ଲା ମୋତେ ଉତର ଦେଇ ପାରିଲା ନାହିଁ । ପୁଣି ମୁଁ ଧରମକୋଟର ମୌଲଓ୍ୱି ଫତହ ଦୀନ ସାହେବ ମରହୁମ ଅହେମଦୀଙ୍କୁ ପଚାରିଲି । ସେ ମୋତେ କହିଲେ ଯେ ଜକରିଆଙ୍କ ତୌବାଃ ହେଉଛି ଏହା କି ତୁମେ ବେଦୀନକୁ (ଅର୍ଥାତ ଏପରି ଧର୍ମହୀନ ଜୀବନଯାପନକୁ) ପରିତ୍ୟାଗ କର,ହଲାଲ ଖାଅ,ନମାଜ ଏବଂ ରୋଜା ନିୟମିତ ରୂପେ ପାଳନ କର ଏବଂ ମସଜିଦକୁ ଅଧିକା ଯିବା ଆସିବା କର । ଏହା ଶୁଣି ମୁଁ ସେହିପରି କରିବା ଆରମ୍ଭ କରିଦେଲି । ମଦ ପିଇବା ଇତ୍ୟାଦି କାମକୁ ପରିତ୍ୟାଗ କଲି ଏବଂ ଲାଂଚ ନେବା ସମ୍ପୂର୍ଣ୍ଣ ରୂପେ ଛାଡିଦେଲି । ନମାଜ ଏବଂ ରୋଜା ନିୟମତି ପାଳନ କଲି । ଚାରି ପାଂଚ ମାସ ବିତି ଥିବ ଯେ ମୁଁ ଦିନେ ଘରକୁ ଗଲି ଏବଂ ମୋ ପତ୍ନୀଙ୍କୁ କାନ୍ଦିବାର ଦେଖିଲି । ଏହାର କାରଣ ପଚାରିବାରେ ସେ ମୋତେ କହିଲେ ଯେ ପ୍ରଥମେ ତ ମୋ ଉପରେ ଏ ମୁସିବତ (ଦୁଃଖ) ପଡିଥିଲା ଯେ ମୋର କୌଣସି ସନ୍ତାନ ହେଉ ନଥିଲେ । ତେଣୁ ଆପଣ ମୋ ବ୍ୟତୀତ ଆଉ ଦୁଇ ଜଣ ସ୍ତ୍ରୀ କଲେ । ଏବେ ଏ ମୁସିବତ (ଦୁଃଖ) ଆସିଛି ଯେ ମୋର ଏବେ ରତୁଶ୍ରାବ ହେବା ବନ୍ଦ ହୋଇଯାଇଛି । (ଅର୍ଥାତ ଏବେ ମୋର ଆଉ କୌଣସି ସନ୍ତାନ ହେବାର ଆଶା ରହିଲା ନାହିଁ) । ସେହି ଦିନମାନଙ୍କରେ ତାଙ୍କର ଭାଇ ଅମୃତସରରେ ଥାନାଦାର ଥିଲେ । ତେଣୁ ସେ ମୋତେ କହିଲେ ଯେ ମୋତେ ମୋ ଭାଇଙ୍କ ନିକଟରେ ନେଇ ଛାଡି ଆସନ୍ତୁ ମୁଁ ସେଠାରେ ଏହାର କିଛି ଚିକିତ୍ସା କରାଇବି । ଏଥିରେ ମୁଁ ତାଙ୍କୁ କହିଲି ସେଠାକୁ କଣ ଯିବ ତୁମେ ଏଠାରେ ଦାଇଙ୍କୁ ଡାକି ଦେଖାଅ ଏବଂ ଏହାର ଚିକିତ୍ସା କର । ଅତେବ ସେ ଦାଇଙ୍କୁ ଡକାଇଲେ ଓ କହିଲେ ଯେ ମୋତେ କିଛି ଔଷଧ ଇତ୍ୟଦି ଦିଅ । ଦାଇ ମୋତେ ମୋଟାମୋଟି ଭାବରେ ଦେଖି କହିଲେ ଯେ ମୁଁ ତ କୌଣସି ଔଷଧ ଦେବିନାହିଁ କି ହାତ ଲଗାଇବି ନାହିଁ । କାରଣ ମୋତେ ତ ଏମିତି ଲାଗୁଛି ଯେ ଅଲ୍ଲାଃତାଲା ତୁମଠାରେ ଭୁଲି ଯାଇଛନ୍ତି । (ଅର୍ଥାତ ତୁମେ ତ ବାଂଝ ଥିଲ କିନ୍ତୁ ଏବେ ତୁମ ପେଟରେ ପିଲା ଥିବାର ଜଣା ପଡୁଛି । ତେଣୁ ଖୁଦାତାଲା ତୁମକୁ (ନଉଜୁଲ୍ଲାଃ) ଭୁଲି ଯାଇ ତୁମକୁ ଗର୍ଭବତୀ କରିଦେଇଛନ୍ତି,ଲେଖକ) ଏବଂ ସେ ଘର ଭିତରୁ ବାହାରିବା ପରେ ଏହି କଥା କହିବା ଆରମ୍ଭ କରିଦେଲା ଯେ ଖୁଦାତାଲା ଭୂଲିଗଲେ । କିନ୍ତୁ ମୁଁ ତାକୁ କହିଲି ଯେ ଏପରି କୁହନାହିଁ ବରଂ ମୁଁ ତ ମିର୍ଜା ସାହେବଙ୍କ ନିକଟରେ ଦୁଆ କରାଇଥିଲି ।

ପୁଣି ମୁନଶୀ ସାହେବ ବର୍ଣ୍ଣନା କରିଛନ୍ତି ଯେ କିଛି ଦିନ ମଧ୍ୟରେ ଗର୍ଭଧାରଣର ସମସ୍ତ ଲକ୍ଷଣ ପ୍ରକାଶ ପାଇଲା । ସୁତରାଂ ମୁଁ ଆଖପାଖର ସବୁ ଲୋକଙ୍କୁ କହିବାକୁ ଲାଗିଲି ଯେ ଏବେ ଦେଖିବେ ଯେ ମୋର ପୁତ୍ର ସନ୍ତାନ ଜନ୍ମ ହେବ ଏବଂ ସେ ବହୁତ ସୁନ୍ଦର ପୁଅ ହେବ । କିନ୍ତୁ ଲୋକମାନେ ବହୁତ ଆଶ୍ଚର୍ଯ୍ୟ ହେଉଥିଲେ ଏବଂ କହୁଥିଲେ ଯେ ଯଦି ଏପରି ହୁଏ ତାହେଲେ ବଡ ଚମତ୍କାର ହେବ ।

**କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)**

''ଇସ୍‌ଲାମ୍ ହକିକି ମାରେଫତ (ଅର୍ଥାତ୍ ଅଲ୍ଲାଃଙ୍କୁ ଚିହ୍ନିବାର ପ୍ରକୃତ ଜ୍ଞାନ) ପ୍ରଦାନ କରିଥାଏ ଯଦ୍ୱାରା ମନୁଷ୍ୟର ପାପପୂର୍ଣ୍ଣ ଜୀବନର ମୃତ୍ୟୁ ଘଟିଥାଏ''

*(ମଲ୍‌ଫୁଜାତ୍, ଖଣ୍ଡ-୪, ପୃ-୩୪୪)*

*ତାଲିବେ ଦୁଆ: Muhmmad Naimul Haque & Family, Jamat Ahmadiyya, Pankal (Odisha)*

**କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)**

''ତୁମେ ଆପୋଷରେ ଖୁବ୍ ଶିଘ୍ର ସୁଲାହ୍ କର ଓ ନିଜ ଭାଇମାନଙ୍କ ଦୋଷ କ୍ଷମାକର କାରଣ ସେ ବ୍ୟକ୍ତି ହେଉଛି ଦୁଷ୍ଟ ଯିଏ ନିଜ ଭାଇଙ୍କ ସହିତ ସୁଲାହ୍ କରିବାକୁ ରାଜି ହୁଏ ନାହିଁ ।''

*(କଶ୍‌ତି ନୁହ୍, ରୁହାନି ଖଜାଇନ୍ ଖଣ୍ଡ-୧୯, ପୃ-୧୨)*

*ତାଲିବେ ଦୁଆ: Abdul Chand & Family, Jamat Ahmadiyya, Kerang (Odisha)*

**EDITOR**
**Qamarul Haque Khan**
**Sub-Editor : Maqsood Ali Khan**
Mob : (+91) 9437128786
e-mail :odiabadar@gmail.com

REGISTERED WITH THE REGISTRAR OF THE NEWSPAPERS FOR INDIA AT NO PUNODI/2016/68750

Weekly **BADAR** Qadian
ସାପ୍ତାହିକ ବଦର କାଦିଆନ
Dist: Gurdaspur (Pb.) INDIA Qadian - 143516

Postal Reg. No.GDP-40/2023-2025 Vol.8 Thursday 09-16 MARCH 2023 Issue No.10-11

**MANAGER**
**SHAIKH MUJAHID AHMAD**
Mobile. : +91 99153 79255
e-mail :managerbadrqnd@gmail.com

**ANNUAL SUBSCRIPTION:**Rs.600/- (Per Issue:Rs.11.50/-) (**WEIGHT** - 20-50gms/issue)


ପରିଶେଷରେ ଦିନେ ରାତି ସମୟରେ ପୁତ୍ର ସନ୍ତାନ ଜନ୍ମ ଗ୍ରହଣ କଲା ଏବଂ ବହୁତ ସୁନ୍ଦର ପୁତ୍ର ହେଲା । ମୁଁ ସେହି କ୍ଷଣି ଧରମକୋଟ ଧାଇଁଲି । ସେଠାରେ ମୋର ଅନେକ ବନ୍ଧୁବାନ୍ଧବ ଏବଂ ସମ୍ପର୍କୀୟ ରହୁଥିଲେ । ମୁଁ ସେମାନଙ୍କୁ ଯାଇ ପୁତ୍ର ସନ୍ତାନ ଜନ୍ମ ହେବାର ଖବର ଦେଲି । ଅତଏବ ଅନେକ ଲୋକେ ସେହି ସମୟରେ ବୟତ କରିବା ପାଇଁ କାଦିଆନ ବାହାରିଗଲେ । କିନ୍ତୁ କିଛି ଲୋକେ ଗଲେ ନାହିଁ । ଏହି ଘଟଣା ଘଟିବା ପରେ ୱନଜୱାନର ମଧ୍ୟ ବହୁତ ଲୋକେ ବୟତ କଲେ ଏବଂ ମୁଁ ମଧ୍ୟ ବୟତ କରିନେଲି ଓ ସେହି ପୁତ୍ରର ନାମ ଅବ୍ଦୁଲ ହକ ରଖିଲି ।

ମୁନଶୀ ସାହେବ ବର୍ଣ୍ଣନା କରନ୍ତି ଯେ ମୋ ବିବାହକୁ ବାର ବର୍ଷରୁ ଅଧିକା ସମୟ ହୋଇଯାଇଥିଲା,ମୋର କୌଣସି ସନ୍ତାନ ନଥିଲେ । ପୁଣି ମୁନଶୀ ସାହେବ ବର୍ଣ୍ଣନା କରନ୍ତି ଯେ ମୁଁ ଯେବେ ପୁଣି କାଦିଆନ ଗଲି ସେତେବେଳେ ସେହି ଦିନମାନଙ୍କରେ ମସଜିଦର ରାସ୍ତାକୁ କାନ୍ଥ ପକାଇ ଅବରୋଧ କରାଯାଇଥିଲା । ମୁଁ ବଗିଚାରେ ହଜରତ ସାହେବଙ୍କୁ ନିଜର ସ୍ୱପ୍ନକୁ ଶୁଣାଇଲି ଯେ ମୁଁ ଦେଖିଛି କି ମୋ ହାତରେ ଗୋଟିଏ ଖରବୁଜ ଅଛି ଯାହାକୁ ମୁଁ କାଟି କାଟି ଖାଉଛି ଏବଂ ସେହି ଖରବୁଜଟି ବହୁତ ସୁସ୍ୱାଦୁ ଥିଲା । କିନ୍ତୁ ଯେବେ ମୁଁ ତାହାର ଗୋଟିଏ ଫାଳ ଅବ୍ଦୁଲ ହକକୁ ଦେଲି ତାହା ଶୁଖିଗଲା । ହଜରତ ସାହେବ ସେହି ସ୍ୱପ୍ନର ଅର୍ଥ ଏହା ବାହାର କଲେ ଯେ ଅବ୍ଦୁଲ ହକର ମାଆଙ୍କ ଗର୍ଭରୁ ତୁମର ଆଉ ଏକ ସନ୍ତାନ ଜାତ ହେବ କିନ୍ତୁ ସେ ମରିଯିବ । ଅତେବ ମୁନଶୀ ସାହେବ କୁହନ୍ତି ଯେ ଆଉ ଗୋଟିଏ ପୁତ୍ର ଜନ୍ମ ହେଲା । କିନ୍ତୁ ସେ ମରିଗଲା । ମୁଁ ଏକଥା କହିବାକୁ ଚାହୁଁଛି ଯେ ମୁଁ ଅବ୍ଦୁଲ ହକକୁ ଦେଖିଛି । ସେ ବହୁତ ସୁନ୍ଦର ଚେହେରାର ଅଧିକାରୀ ଥିଲେ ଏବଂ ଜଣେ ଭଦ୍ର ସ୍ୱଭାବର ଯୁବକ ଥିଲେ। ସେତେବେଳେ ୧୯୨୨ ମସିହା ବେଳକୁ ତାଙ୍କର ବୟସ ପ୍ରାୟ ୨୦ ବର୍ଷ ବୟସ ହୋଇଥିବ । ***(ସିରତୁଲ ମେହେଦୀ,ଲେଖକ ହଜରତ ମିର୍ଜା ବଶୀର ଅହେମଦ ସାହେବ ର ଅ ରିୱାୟତ ନଂ-୨୪୧)***

ପ୍ରିୟ ଶ୍ରୋତାଗଣ ! ହଜରତ ମସିହ ମଉଦ ଆ ସ ଙ୍କ ଦୁଆ ଯୋଗୁଁ ଦୀନକୁ (ଅର୍ଥାତ ଇସଲାମ ଧର୍ମକୁ) ଦୃଢତା ମିଳିଲା ଏବଂ ଭୟ ଶାନ୍ତିରେ ପରିବର୍ତନ ହୋଇଗଲା । ହଜରତ ମସିହ ମଉଦ ଆ ସ ଙ୍କ ଦୁଆ ଯୋଗୁଁ କେତେକ ଗାଁ ସମ୍ପୂର୍ଣ୍ଣ ରୂପେ ଗୋଟା ପଣେ ଅହେମଦୀ ହୋଇଗଲେ । ଏହି ମୁବାରକ ଜଲସା ସାଲାନାଃରେ କଶ୍ମୀର ପ୍ରଦେଶର ନାସିରାବାଦର ଇଲାକାର ବହୁତ ଲୋକେ ବସିଛନ୍ତି । ସେମାନଙ୍କ ପାଇଁ ମଧ୍ୟ ଏବଂ ଆମ ସମସ୍ତଙ୍କ ପାଇଁ ମଧ୍ୟ ନିମ୍ନ ଲିଖିତ ରିୱାୟତ ଅତ୍ୟନ୍ତ ବିଶ୍ୱାସବର୍ଦ୍ଧକ ଅଟେ ।

କାଶ୍ମୀର ପ୍ରଦେଶର ଖ୍ୱାଜା ଅବ୍ଦୁର ରହମାନ ସାହେବ ବର୍ଣ୍ଣନା କରିଛନ୍ତି ଯେ ମୌଲୱି କୁତୁବୁଦ୍ଦୀନ ସାହେବ ସାକିନ ଶୁର୍ତ କଶ୍ମୀର କହୁଥିଲେ ଯେ ଯେବେ ମୁଁ ଅହେମଦୀ ହେଲି,ଯେହେତୁ ପ୍ରାରମ୍ଭରେ ଶୁର୍ତଠାରେ ଆଉ କେହି / କୌଣସି ଅହେମଦୀ ନଥିଲେ,ତେଣୁ ମୋର ବିରୋଧ ହେବା ଆରମ୍ଭ ହୋଇଗଲା । ମୁଁ ହଜ୍ରତ ମସିହ ମଉଦ ଆ ସଙ୍କ ସେବାରେ ଏହି ବିରୋଧ ବିଷୟରେ ଗୋଟିଏ ଚିଠି ଲେଖି ପଠାଇଲି ଏବଂ ସେଥିରେ ଦୁଆ କରିବାକୁ ଅନୁରୋଧ କଲି । ସେହି ଚିଠିର ଉତର ହଜୁର ଅ ସ ଏପରି ପ୍ରଦାନ କରି ଉଲ୍ଲେଖ କଲେ ଯେ ତୁମେ ଧୈର୍ଯ୍ୟ ରଖ । ସେଠାରେ ଅନେକ ଲୋକେ ଇମାନ ଆଣିବେ (ଅର୍ଥାତ ଅହେମଦୀୟତରେ ବିଶ୍ୱାସ ଆଣିବେ) । ଖ୍ୱାଜା ଅବ୍ଦୁର ରହମାନ ସାହେବ ବର୍ଣ୍ଣନା କରନ୍ତି ଯେ ପରେ ଯଦିଓ ଶୁର୍ତର ନିବାସୀ ଏପର୍ଯ୍ୟନ୍ତ ବିଶ୍ୱାସ ଆଣି ନାହାନ୍ତି କିନ୍ତୁ ତା ସହିତ ଲାଗି ରହିଥିବା କାନିପୁରା ଗ୍ରାମର (ବର୍ତମାନ ସେହି ଗ୍ରାମର ନାମ ହେଉଛି ନାସିରାବାଦ) ସମ୍ପୂର୍ଣ୍ଣ ଗ୍ରାମବାସୀ ଅହେମଦୀ ହୋଇଗଲା । ସେହିପରି ସେହି ଇଲାକାରେ ଆହୁରି ଅନେକ ସ୍ଥାନରେ ଅହେମଦୀୟ ବ୍ୟାପିଗଲା । ମୁଁ ଏଠାରେ କହିବାକୁ ଚାହିଁବି ଯେ ଖ୍ୱାଜା ଶୀଘ୍ର ଥିଲେ । ଯଦି ହଜରତ ସାହେବ ଏପରି କହିଥିଲେ ତା'ହେଲେ ଧୈର୍ଯ୍ୟ ରଖନ୍ତୁ ଶୁର୍ତ ମଧ୍ୟ ସେଥିରୁ ବର୍ତୀ ପାରିବ ନାହିଁ । ***(ସିରତୁଲ ମେହେଦୀ,ଲେଖକ ହଜରତ ମିର୍ଜା ବଶୀର ଅହେମଦ ସାହେବ ର ଅ ରିୱାୟତ ନଂ-୮୨୫)*** ଅଲହମଦୁଲିଲ୍ଲାଃ ବତ୍ୟମାନ ଶୁର୍ତରେ ମଧ୍ୟ ଅନେକ ଅହେମଦୀ ଅଛନ୍ତି ।

ହଜରତ ମିଆଁ ଫଜଲ ମୁହମ୍ମଦ ସାହେବ ର ଅ ଦୁକାନଦାର ମହଲା ଦାରୁଲ ଫଜଲ ନିବାସୀ ବର୍ଣ୍ଣନା କରିଛନ୍ତି ଯେ ଥରେ ଦୁଆ ସମ୍ବନ୍ଧରେ କିଛି ପ୍ରଶ୍ନ କରାଗଲା । ହଜୁର ଆ ସ କହିଲେ ଯେ "ଦୁଆ ହେଉଛି ମୋମିନର ଅସ୍ତ୍ର ଦୁଆକୁ କେବେ ବି ଛାଡିବା ଉଚିତ ନୁହେଁ । ବରଂ ଦୁଆ କରିବାରେ ଥକିଯାଅନାହିଁ । ଲୋକମାନଙ୍କର ଏ ଅଭ୍ୟାସ ଥାଏ ଯେ କିଛି ଦିନ ଦୁଆ କରିଥାନ୍ତି ପୁଣି ଛାଡିଦିଅନ୍ତି । ଦୁଆର ଉଦାହରଣ ହଜରତ ମସିହ ମଉଦ ଆ ସ ଗୋଟିଏ କୂଅ ସହିତ ଦେଇଛନ୍ତି ଯେ ମଣିଷ କୂଅ ଖୋଳିଥାଏ, ଯେବେ ପାଣି ବାହାରିବାର ନିକଟତର ହୁଏ ସେତେବେଳେ ସେ ଥକିହାରି ନିରାଶ ହୋଇ ଖୋଳିବା ଛାଡିଦିଏ । ଯଦି ସେ ଆଉ ଟାଖଣ୍ଡେ ଖୋଳିଥାନ୍ତା ତା'ହେଲେ ତଳୁ ପାଣି ବାହାରି ପଡିଥାନ୍ତା ଏବଂ ତାର ଉଦ୍ଦେଶ୍ୟ ସାଧନ ହୋଇଥାନ୍ତା ଏବଂ ସେ ସଫଳ ହୋଇ ଯାଇଥାନ୍ତା । ଠିକ ସେହିପରି ଦୁଆର କାମ ଯେ ମଣିଷ କିଛି ଦିନ ଦୁଆ କରିଥାଏ ପୁଣି ତାହାକୁ ଛାଡିଦିଏ ଫଳତଃ ସେ ଅସଫଳ ହୋଇଯାଏ । ***(ସିରତୁଲ ମେହେଦୀ,ଲେଖକ ହଜରତ ମିର୍ଜା ବଶୀର ଅହେମଦ ସାହେବ ର ଅ ରିୱାୟତ ନଂ-୧୨୪୯)***

ପ୍ରିୟ ଶ୍ରୋତାବନ୍ଧୁ ! ଆମେମାନେ ବଡ ସୌଭାଗ୍ୟଶାଳୀ ଯେ ସୟଦନା ହଜରତ ମସିହ ମଉଦ ଅ ସଙ୍କ ପରେ ଆମର ଦୀନ୍ ଏବଂ ଦୁନିଆ (ଆମର ଧର୍ମ ଏବଂ ଆମ ସଂସାରିକତା) ର ଉନ୍ନତି ପାଇଁ ଆମକୁ ଖିଲାଫତ ଅହେମଦୀୟା ପରି ମହାନ ପୁରସ୍କାର / ମହାନ ଆଶୀର୍ବାଦ ମିଳିଛି । ଏହା ସୂର୍ଯ୍ୟ ଉଦୟ ପରି ପ୍ରକାଶ ଯେ ଖିଲାଫତେ ଅହେମଦୀୟା ହେଉଛି ସୟଦନା ହଜରତ ମସିହ ମଉଦ ଅ ସଙ୍କ ପୂର୍ଣ୍ଣ ପ୍ରତିଫଳନ । ଏବେ ବି ଏହି ଆଧ୍ୟାତ୍ମିକ ଖିଲାଫତ ଜରିଆରେ ଅଲ୍ଲାଃତାଲା ଦୁଆ ଗ୍ରହଣୀୟ ହେବାର ନିଦର୍ଶନ ଦେଖାଉ ଅଛନ୍ତି ଏବଂ ଅହେମଦୀ ତଥା ଅଣ ଅହେମଦୀ ସମସ୍ତେ ଯୁଗ ଖଲିଫାଙ୍କ ଦୁଆ (ପ୍ରାର୍ଥନା)ରୁ ଆଶୀର୍ବାଦା ପ୍ରାପ୍ତ ହେଉଛନ୍ତି । (ଅର୍ଥାତ ଲାଭ ଉଠାଉଛନ୍ତି)। ବିଶେଷ ଭାବରେ ଖିଲାଫତ ଖାମସାଃ (ଅର୍ଥାତ ପଂଚମ ଖଲିଫା)ଙ୍କ ଏହି ଯୁଗଟି ହେଉଛି ଦୁଆର ଯୁଗ । ହଜରତ୍ ଅମୀରୁଲ ମୁମିନିନ୍ ଅ ବ ଅ ଖିଲାଫତର ପଦବୀରେ ଅଧିଷ୍ଠିତ ହେବା କ୍ଷଣି ହିଁ ଯେଉଁ ପ୍ରଥମ ଆଦେଶ ପ୍ରଦାନ କରିଥିଲେ,ତାହା ଏହି ଦୁଆ ହିଁ ଥିଲା,ଯାହା ଆଜି ବି ଅହେମଦୀମାନଙ୍କ କାନରେ ଗୁଞ୍ଜରଣ କରୁଅଛି ଏବଂ ତାହା ପ୍ରତ୍ୟେକ ଅହେମଦୀଙ୍କ ହୃଦୟର ସ୍ପନ୍ଦନ ଯେ-

"ଜମାତର ଲୋକମାନଙ୍କ ନିକଟରେ କେବଳ ଏକମାତ୍ର ନିବେଦନ ଯେ ବର୍ତମାନ ଦୁଆ ଉପରେ ବହୁତ ଜୋର ଦିଅନ୍ତୁ । ଦୁଆ ଉପରେ ଜୋର ଦିଅନ୍ତୁ । ବହୁତ ଦୁଆ କରନ୍ତୁ । ଅଲ୍ଲାଃତାଲା ଆମକୁ ସାହାଯ୍ୟ ସମର୍ଥନ କରନ୍ତୁ ଏବଂ ଅହେମଦୀୟତର ଏହି କାଫିଲା (ଦଳ) ନିଜର ଉନ୍ନତି ପଥରେ ଅଗ୍ରସର ହୋଇଚାଲୁ । ଆମିନ୍ । ***(ବଦର ୨୯ ଅପ୍ରେଲ୍ ୨୦୦୩, ପୃ-୧୫)***

ଏବଂ ପରମେଶ୍ୱର ସାକ୍ଷୀ ଅଛନ୍ତି ଯେ ଅଲ୍ଲାଃତାଲା କିପରି ହଜରତ୍ ଅମୀରୁଲ ମୁମିନିନ ଅ ବ ଅ ଏବଂ ଜମାତର ନିଷ୍ଠାବାନ ଲୋକମାନଙ୍କ ଦୁଆଗୁଡ଼ିକୁ ଗ୍ରହଣ କଲେ ଏବଂ ଖିଲାଫତ ଖାମସାଃ (ପଂଚମ ଖଲିଫା)ଙ୍କ ଏହି ପବିତ୍ର ଯୁଗରେ ସେ ନିଜ ଆଶୀର୍ବାଦର ବର୍ଷା କରିଚାଲିଛନ୍ତି । **ଅଲ୍ଲାହୁମ୍ମା ଜିଦ ୱ ବାରିକ୍** ହଜରତ୍ ଅମୀରୁଲ ମୁମିନିନ ଅ ବ ଅ ଦୁଆ ଗ୍ରହଣୀୟ ହେବାର ଏପରି ଅନେକ ଘଟଣାବଳୀ ନିଜ ଖୁତବାଗୁଡ଼ିକରେ ବର୍ଣ୍ଣନା କରୁଛନ୍ତି ।

ଅଲ୍ଲାଃତାଲା ଆମ ସମସ୍ତଙ୍କୁ ହଜରତ୍ ଅକଦସ୍ ମସିହ ମଉଦ ଆ ସଙ୍କ ତୱକ୍କଲ୍ ଅଲଲ୍ଲାଃ (ଅର୍ଥାତ ଅଲ୍ଲାଃଙ୍କ ଉପରେ ଭରସା କରିବା) ଏବଂ ଦୁଆ (ପ୍ରାର୍ଥନା) ପ୍ରସଙ୍ଗରେ ଉପସ୍ଥାପନ କରାଯାଇଥିବା ଜୀବନୀ ଉପରେ ପରିଚାଳିତ ହେବା ପାଇଁ ସାମର୍ଥ୍ୟ ପ୍ରଦାନ କରନ୍ତୁ ଏବଂ ଆମେ ଖିଲାଫତ ଅହେମଦୀୟାର ପବିତ୍ର / ଆଶୀର୍ବାଦ ପୂର୍ଣ୍ଣ ଧ୍ୱଜା ତଳେ ଅଲ୍ଲାହୁ ଅକବର ସ୍ଲୋଗାନ ଚାଲୁ । **ଆମିନ । ଅଲ୍ଲାହୁମ୍ମା ଆମିନ୍ । ୱ ଆଖିରୁ ଦାୱାନା ଅନିଲ ହମଦୁ ଲିଲ୍ଲାହି ରବବିଲ୍ ଆଲମୀନ ।**

⌘⌘⌘⌘⌘⌘⌘⌘⌘⌘⌘

*ପୃଷ୍ଠା- ୨ର ଅବଶିଷ୍ଟାଂଶ ......*

ଥରକର କଥା ବିଲକୁଲ ଘରୋଇ ପରିବେଶ ଥିଲା ଯେ ହଜରତ୍ ମସିହ ମଉଦ ଆ ସଙ୍କ ସ୍ୱାସ୍ଥ୍ୟ ଖରାପ ଥିଲା ଏବଂ ଆପଣ ଆ ସ ଘରେ ଖଟିଆ ଉପରେ ଶୋଇଥିଲେ । ହଜରତ୍ ଅମ୍ମାଜାନ୍ ର ଅ ଏବଂ ହଜରତ ନାନାଜାନ୍ (ଅର୍ଥାତ ଆମ ଅଜା) ଅର୍ଥାତ ହଜରତ୍ ମୀର ନାସିର ନୱାବ ସାହେବ ର ଅ ମରହୁମ୍ ମଧ୍ୟ ନିକଟରେ ବସିଥିଲେ ଯେ ହଜ ବିଷୟରେ ଚର୍ଚ୍ଚା ଆରମ୍ଭ ହେଲା । ହଜରତ ନାନାଜାନ୍ ଏପରି କିଛି କଥା କହିଲେ ଯେ ଏବେ ତ ହଜ କରିବା ନିମନ୍ତେ ଯାତ୍ରା କରିବାରେ ଏବଂ ରାସ୍ତା ଇତ୍ୟାଦିର ସୁବିଧା ହୋଇଗଲାଣି । ତେଣୁ ହଜ କରିବା ନିମନ୍ତେ ଯିବା ଉଚିତ । ସେତେବେଳେ ହରମୈନ୍ ଶରିଫୈନ (ଅର୍ଥାତ ମକ୍କା ଓ ମଦିନା)ର ପରିଦର୍ଶନ କରିବା ଭାବି ହଜରତ ମସିହ ମଉଦ ଆ ସଙ୍କ ଆଖିରେ ଲୁହ ଭରିଗଲା ଏବଂ ଆପଣ ଅ ସ ନିଜ ଆଙ୍ଗୁଳି ସାହାଯ୍ୟରେ ଆଖିରୁ ଲୁହ ପୋଛି ଚାଲିଥିଲେ ଏବଂ ହଜରତ ନାନାଜାନ (ଅର୍ଥାତ ହଜରତ୍ ମୀର ନାସିର ନୱାବ ସାହେବ ର ଅ)ଙ୍କ କଥାକୁ ଶୁଣି କହିଲେ

କ୍ରମଶଃ......

**ହଦିସ୍ ନବୱି ସ:ଆ:ସ**

''ନମାଜ ପରିତ୍ୟାଗ କରିବା ମନୁଷ୍ୟକୁ ଶିର୍କ ଏବଂ କୁଫର୍ (ଅର୍ଥାତ୍ ଅନ୍ୟ କାହାକୁ ଅଲ୍ଲାଃଙ୍କ ସମକକ୍ଷ କରିବା ଓ ଅମାନ୍ୟକାରୀ)ର ନିକଟତର କରିଦିଏ''

*(ମୁସ୍‌ଲିମ୍, କିତାବୁଲ୍ ଇମାନ୍)*

*ତାଲିବେ ଦୁଆ: Majlis Lajna Imaillah, Jamat Ahmadiyya, Kerang (Odisha)*

**କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)**

''ପବିତ୍ର କୋରାନ୍‌କୁ ବୁଝିବା ଓ ତା' ମୁତାବକ ହିଦାୟତ୍ ପାଇବା ପାଇଁ ଅସଲ ଆବଶ୍ୟକତା ହେଉଛି ତକ୍‌ୱା (ଅର୍ଥାତ୍ ଧର୍ମପରାୟଣତା)''

*(ମଲ୍‌ଫୁଜାତ୍, ଖଣ୍ଡ-୫, ପୃ-୧୨୧)*

*ତାଲିବେ ଦୁଆ: Idrish Khan, Jamat Ahmadiyya, Kerang (Odisha)*

Printed & Published by: Jameel Ahmed Nasir on behalf of Nigran Board of Badar, Name of Owner :Nigran Board of Badar. And Printed at Fazle-Umar Printing Press, Harchuwal Road Qadian, Distt: Gurdaspur-143516, Punjab, India. And published at office of Weekly Badar Mohalla Ahmadiyya, Qadian Distt:Gsp-143516, Punjab.India. Editor: Qamarul Haque Khan